ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.22 Bhubaneswar Sunday February 26 2023 | ୨୬ତମ ବର୍ଷ ସଂଖ୍ୟା–୨୨ ଭୁବନେଶ୍ୱର, ରବିବାର, ଫେବୃଆରୀ ୨୬, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ତ୍ରିକୋଣୀୟ ପ୍ରେମ କାହାଣୀ ଜଣଙ୍କ ପାଇଁ ୪ ଫସିଲେ



ଭୁବନେଶ୍ୱର, ୨୫।୨(ପି.ଏନ): ତ୍ରିକୋଣୀୟ ପ୍ରେମ କାହାଣୀରୁ ହତ୍ୟା ଜଣଙ୍କ ପାଇଁ ୪ ଜଣ ଫସିଲେ। ସେମାନଙ୍କ ଭିତରୁ ୩ ଜଣ କୋର୍ଟ ଚାଲାଣ ହୋଇଥିବା ବେଳେ ଜଣେ ଜୁଭେନାଇ ଜଷ୍ଟସ୍ ବୋର୍ଡରେ ହାଜର ହୋଇଛନ୍ତି। ହତ୍ୟାକାଣ୍ଡର ୭ ଦିନ ମାମଲାର ପର୍ଦ୍ଦାଫାସ୍ କରିଛି ଜୟପାଟଣା ଥାନା ପୁଲିସ୍।କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ପୋଲକାମୁଣ୍ଡା ଗାଁର ଦିଲ୍ଲୀପ ବାଗ୍ ଓ ମୋହନ ମାଝୀ ଦୁଇ ଜଣ ଭଲ ସାଙ୍ଗ ଥିଲେ। ଉଭୟ ମିଶି ଜଣେ ଯୁବତୀଙ୍କୁ ଲାଇନ୍ ମାରୁଥିଲେ। ଲାଇନ୍ ମାରୁ ମାରୁ କେତେବେଳେ ମୋହନ ପ୍ରେମରେ ପଡି ଯାଇଥିଲେ। ହେଲେ ଏଥିରେ ପ୍ରତିବନ୍ଧକ ସାଜିଥିଲେ ଦିଲ୍ଲୀପ। କାରଣ ସେ ମଧ୍ୟ ଯୁବତୀଙ୍କୁ ପ୍ରେମ କରୁଥିଲେ। ଏକଥା ମୋହନ ଜାଣିବା ପରେ ଦିଲ୍ଲୀପଙ୍କୁ ବୁଝାଇଥିଲେ। ହେଲେ ଦିଲ୍ଲୀପ ନଛୋଡବନ୍ଧା ଥିଲେ। ବାହା ହେବା ପାଇଁ ଜିଦ୍ ଧରିଥିଲେ। ଯାହାକୁ ନେଇ ଚିନ୍ତାରେ ପଡି ଯାଇଥିଲେ ମୋହନ। ଆଉ ଦିଲ୍ଲୀପଙ୍କୁ ରାସ୍ତାରୁ ହଟାଇବା ପାଇଁ ପ୍ଲାନ୍ କରିଥିଲେ।ଯୋଜନା ମୁତାବକ ଗତ ୧୮ ତାରିଖରେ ଦିଲ୍ଲୀପଙ୍କୁ ମୋହନ ଡାକିଥିଲେ। ଆଉ ସାଙ୍ଗର ଡାକରା ପାଇ ଦିଲ୍ଲୀପ ଯାଇଥିଲେ। ଗଲା ବେଳେ ପାଖ ଗାଁରେ ହେଉଥିବା ଅଷ୍ଟପ୍ରହରୀ ନାମଯଜ୍ଞ ଦେଖିବାକୁ ଯାଉଛନ୍ତି ବୋଲି ଦିଲ୍ଲୀପ ପରିବାର ଲୋକଙ୍କୁ କହିଥିଲେ। ଦିଲ୍ଲୀପଙ୍କୁ ମୋହନ ଓ ତାଙ୍କ ସାଙ୍ଗ(ନାବାଳକ) ଗାଁଠାରୁ କିଛି ଦୂରକୁ ଡାକି ନେଇଥିଲେ। ନିଜ ପ୍ରେମକୁ ନେଇ ସେଠାରେ ଉଭୟ (ଦିଲ୍ଲୀପ ଓ ମୋହନ)ଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା।

### ପୋଲିସକୁ ଗୋରୁ ମାଫିଆଙ୍କ ଆକ୍ରମଣ: ଥାନା ଅଧିକାରୀ, ଏସଆଇ ଆହତ

କଟକ,୨୫।୨(ପି.ଏନ):ପୋଲିସକୁ ଆକ୍ରମଣ କରିଛନ୍ତି ଗୋରୁ ମାଫିଆ। କଟକ ତିଗିରିଆ ଥାନା ଅନ୍ତର୍ଗତ ଗୋପୀନାଥପୁର ଶାସନ ଛକରେ ଗୋରୁ ମାଫିଆ ସ୍ଥାନୀୟ ପୋଲିସ କର୍ମୀଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଗତକାଲି ବିଳମ୍ବିତ ରାତିରେ ତିଗିରିଆ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ଗୋରୁ ବୋଝେଇ କଂଟେନରକୁ ଯାଂଚ୍ ପାଇଁ ଅଟକାଇଥିଲେ । ଏହାକୁ ନେଇ ଗୋରୁ ଚୋରାଚାଲାଣ କରୁଥିବା ମାଫିଆ ମାନେ ପୋଲିସ ଉପରେ ଅତର୍କିତ ଆକ୍ରମଣ କରିଥିଲେ । ଫଳରେ ତିଗିରିଆ ଥାନା ଅଧିକାରୀଙ୍କ ସମେତ ଅନ୍ୟ ଜଣେ ଏସଆଇ ଆହତ ହୋଇଛନ୍ତି । ଘଟଣା ପରେ ଗୋରୁ ମାଫିଆ ମାନେ ସେଠାରୁ ଫେରାର୍ ହୋଇଯାଇଛନ୍ତି । ଆହତ ପୋଲିସ ଅଧିକାରୀ ତିଗିରିଆ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି । ଖବର ପାଇ ଆଠଗଡ଼ ଏସଡିପିଓ ଏବଂ ଆଠଗଡ଼ ଥାନା ଅଧିକାରୀ ଘଟଣାସ୍ଥଳରେ ପହଂଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି । ଆକ୍ରମଣକାରୀଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରୀ ରହିଛି ।

## ଝିଅ ଆଖି ଆଗରେ ମା' ଉପରେ ଚଢ଼ିଗଲା ଡମ୍ଫର



ଭୁବନେଶ୍ୱର, ୨୫।୨(ପି.ଏନ): ଆଉ କିଛି ସମୟରେ ଘରେ ପହଞ୍ଚିଥାନ୍ତେ। ମାତ୍ର ତା' ପୂର୍ବରୁ ଘଟିଲା ଅଘଟଣ । ଏକ ଡମ୍ଫର ଧକ୍କାରେ ଉଜୁଡିଗଲା ହସଖୁସିର ସଂସାର। ଝିଅ ଆଗରେ ମା' ଉପରେ ଚଢ଼ିଗଲା ଡମ୍ଫର। ଘଟଣାସ୍ଥଳରେ ହିଁ ଚାଲିଗଲା ମା'ର ଜୀବନ । ଏପରି ମର୍ମନ୍ତୁଦ ଦୁର୍ଘଟଣା ଆଜି ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ମଇନ୍ଦା ପେଟ୍ରୋଲ ପମ୍ପ ଛକ ନିକଟରେ ଘଟିଛି। ମୃତା ମହିଳାଜଣକ ହେଲେ ଜଣକ ବିଞ୍ଝାରପୁର ବ୍ଲକ୍ ବାଣପୁର ଗ୍ରାମର ସ୍ୱର୍ଣ୍ଣଲତା ରାଉତ ।ସ୍ୱର୍ଣ୍ଣଲତା ଓ ତାଙ୍କ ଝିଅ ଆଜି କୌଣସି କାମରେ ନିକଟସ୍ଥ ବଜାରକୁ ଆସିଥିଲେ। କାମ ସାରି ଦିନ ପ୍ରାୟ ୧୨ଟା ବେଳେ ମା' ଝିଅ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଝିଅ ସ୍କୁଟି ଚଳାଉଥିବା ବେଳେ ପଛରେ ବସିଥିଲେ ମା' । ଆଉ ମାତ୍ର ୨ କିମି ଗଲେ ଘରେ ପହଞ୍ଚିଥାନ୍ତେ । ହେଲେ ତା' ପୂର୍ବରୁ ସବୁ କିଛି ଓଲଟପାଲଟ ହୋଇଗଲା।

## ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ଏବଂ ସଚିବଙ୍କ ଦିନିକିଆ ମାଲକାନଗିରି ଗସ୍ତ

ମାଲକାନଗିରି, ୨୫।୨(ପି.ଏନ): ଆଜି ଜଳ ସଂପଦ ଓ ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଦିନିକିଆ ମାଲକାନଗିରି ଗସ୍ତରେ ଆସି ନିଜ ବିଭାଗର ବିଭିନ୍ନ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ବାଣିଜ୍ୟ ଓ ପରିବହନ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ, ଶ୍ରୀମତି ଉଷା ପାଢ଼ୀ ମଧ୍ୟ ଆଜି ଜିଲ୍ଲା ପରିଦର୍ଶନରେ ଆସି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଓ ପରିବହନ ବିଭାଗର ବିଭିନ୍ନ ବିଷୟ ନେଇ ସମୀକ୍ଷା ଓ ଆଲୋଚନା କରିଛନ୍ତି। ମାଲକାନଗିରିରେ ନିର୍ମାଣାଧୀନ ଏୟାରଷ୍ଟ୍ରିପ କାର୍ଯ୍ୟର ଅଗ୍ରଗତି ନେଇ ଏହି ଗସ୍ତ କାର୍ଯ୍ୟକ୍ରମ କରଯାଇଛି ।ମନ୍ତ୍ରୀ ଓ ପ୍ରମୁଖ ଶାସନ ସଚିବଙ୍କୁ ଜିଲ୍ଲାପାଳ ବିଶାଳ ସିଂ ସ୍ୱାଗତ ଜଣାଇବା ସହ ଏୟାରଷ୍ଟ୍ରିପ କାର୍ଯ୍ୟର ଅଗ୍ରଗତି ବିଷୟରେ ସମସ୍ତ ସୂଚନା ପ୍ରଦାନ କରିଛନ୍ତି। ପ୍ରମୁଖ ଶାସନ ସଚିବ ଶ୍ରୀମତି ପାଢୀ ଗୌଡ଼ଗୁଡା ସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଓ ସରକାରୀ ପଲିଟେକନିକ ଅନୁଷ୍ଠାନ ପରିଦର୍ଶନ କରିଥିଲେ । ସେଠାରେ ପ୍ରଶିକ୍ଷାର୍ଥୀଙ୍କ ସହ ଆଲୋଚନା କରି ନିଜର ଖୁସି ବ୍ୟକ୍ତ କରିଥିଲେ । ବର୍ତ୍ତମାନ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଇଁ ଅଭିଯାନ ଚାଲିଛି। ଏହି ଅଭିଯାନରେ ମାଲକାନଗିରି ଜିଲ୍ଲା ପାଇଁ ଶ୍ରୀମତି ପାଢୀ ନୋଡାଲ ଅଧିକାରୀ ଅଛନ୍ତି। ଆଜି ସରକାରୀ ଆଇଟିଆଇକୁ ଚିତ୍ରକୋଣ୍ଡା ଏସଏସଡି ହାଇସ୍କୁଲ ଏବଂ ସରକାରୀ ପଲିଟେକନିକ୍ କୁ କୋରୁକୁଣ୍ଡା ହାଇସ୍କୁଲର ଛାତ୍ରୀମାନେ ପରିଦର୍ଶନରେ ଆସିଥିଲେ। ଶ୍ରୀମତି ପାଢୀ ଆଇଟିଆଇରେ ସିଟିସି ମିନି ଟୁଲରୁମ୍ ମଧ୍ୟ ବୁଲି ଦେଖିଥିଲେ । କିଭଳି ଅଧିକରୁ ଅଧିକ ଛାତ୍ରଛାତ୍ରୀ ବୈଷୟିକ ଶିକ୍ଷାରେ ଯୋଗଦାନ କରିବେ, ସେଥିପ୍ରତି ପ୍ରଯତ୍ନ ହେବା ପାଇଁ ସେ ଆହ୍ୱାନ କରିଛନ୍ତି।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା : ୭ ମୃତ

ଧର୍ମଶାଳା, ୨୫।୨(ପି.ଏନ): ଯାଜପୁର- ଧର୍ମଶାଳା ୧୬ ନଂ ଜାତୀୟ ରାଜପଥର ଚଣ୍ଡିଖୋଲ-ନେଉଳପୁର ମଧ୍ୟରେ ଥିବା ସେଂଟ୍ରାଲ ବ୍ୟାଙ୍କ ନିକଟରେ ଘଟିଯାଇଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ଘଟିଛି । ଆଜି ସକାଳେ ଏଠାରେ ରାସ୍ତାରେ ଛିଡା ହୋଇଥିବା ଏକ ଟ୍ରକ୍ ପଛରେ କୋଲକାତା ପଟରୁ ଆସୁଥିବା ଅନ୍ୟ ଏକ ଟ୍ରକ୍ ଧକ୍କା ଦେବା ଫଳରେ ଟ୍ରକରେ ଥିବା ୭ ଜଣଙ୍କ ମୃତ୍ୟୁ ଘଟିଛି । ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ମେଡ଼ିକାଲରେ ଜଣକର ମୃତ୍ୟୁ ଘଟିଛି । ମୃତକ ମାନେ କୋଲକାତା ଅଂଚଳର ବୋଲି ଜଣାପଡିଛି । ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଜାରୀ ରଖିଛନ୍ତି ।

### ଜେଲ୍ ୱାର୍ଡର ମଦ୍ୟପାନ କରି ହସ୍ପିଟାଲ ପରିସରରେ ରୋଗୀଙ୍କ ସମ୍ପର୍କୀୟଙ୍କୁ ମାଡ ମାରିବା ନେଇ ତୀବ୍ର ପ୍ରତିକ୍ରିୟା

ବଲାଙ୍ଗିର, ୨୫।୨(ପି.ଏନ): ନିଶାସକ୍ତ ଜେଲ ୱାର୍ଡରଙ୍କ ଉନ୍ମତକାଣ୍ଡ। ହସ୍ପିଟାଲ ପରିସରକୁ ପଶି ଦମ୍ପତିଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି। ଏପରି ଏକ ଅଭାବନୀୟ ଘଟଣା ଘଟିଛି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ। ଗତକାଲି ଠାରୁ ଗଇଁତଲା ଗାଁ ର ରମାକାନ୍ତ ନାଗ ହସ୍ପିଟାଲରେ ନିଜ ବାପାଙ୍କୁ ଭର୍ତି କରିଛନ୍ତି। ରମାକାନ୍ତ ନିଜ ସ୍ତ୍ରୀ ଙ୍କ ସହିତ ହସ୍ପିଟାଲ ନିକଟରେ ଥିବା ଆଉଟଡୋର ଠାରେ ଛିଡା ହୋଇଥିଲେ। ସେହି ରାସ୍ତାରେ ଜେଲକୁ ଯାଉଥିବା ଜିଲ୍ଲା କାରାଗାରର ୱାର୍ଡର ବିଜୁ ଛତ୍ରିଆ ହଠାତ ନିଶାସକ୍ତ ଅବସ୍ଥାରେ ଦମ୍ପତିଙ୍କୁ ଗାଳିଗୁଲଜ କରିବା ଆରମ୍ଭ କରିଥିଲେ। ପ୍ରତିବାଦ କରିବାରୁ ଉଭୟଙ୍କୁ ଗୋଡ଼ାଇ ଗୋଡ଼ାଇ ମାଡ ମାରିଥିଲେ। ଏନେଇ ହସ୍ପିଟାଲ ଫାଣ୍ଡିକୁ ଯାଇ ଲିଖିତ ଅଭିଯୋଗ କରିଥିଲେ ରମାକାନ୍ତ। ଘଟଣାରେ ହସ୍ପିଟାଲ ଫାଣ୍ଡି ପୋଲିସ ଜେଲ ୱାର୍ଡରଙ୍କୁ ଅଟକ ରଖିଥିଲା। ପରେ ଟାଉନ ଥାନାର ପୋଲିସ ଟିମ ଆସି ୱାର୍ଡର ବିଜୁ ଛତ୍ରିଆଙ୍କୁ ଟାଉନ ଥାନାକୁ ନେଇ ଅଧିକ ପଚାର ଉଚୁରା କରୁଛନ୍ତି। ସେପଟେ ଜଣେ ଜେଲ ୱାର୍ଡର ମଦ୍ୟପାନ କରି ହସ୍ପିଟାଲ ପରିସରରେ ରୋଗୀଙ୍କ ସମ୍ପର୍କୀୟଙ୍କୁ ମାଡ ମାରିବା ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

### ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଲେ ରିକୀ କେଜ୍

ଭୁବନେଶ୍ୱର, ୨୫।୨(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ୩ଥର ଗ୍ରାମୀ ଆୱାର୍ଡ ଜିତିଥିବା ଭାରତୀୟ ସଙ୍ଗୀତକାର ରିକୀ କେଜ୍ ନବୀନ ନିବାସରେ ଭେଟିଛନ୍ତି । ଅର୍ନ୍ତଜାତୀୟ ମାଣ୍ଡିଆ ବର୍ଷରେ ଓଡ଼ିଶା ରିଲିଜ କରିଥିବା 'ମାଣ୍ଡିଆ' ଗୀତରେ ଯୋଗଦାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଧନ୍ୟବାଦ ଦେଇଛନ୍ତି।

## ମାର୍ଚ୍ଚ ୫ରୁ ଡାକୋଟାକୁ ଦେଖିପାରିବେ ସର୍ବ ସାଧାରଣ

ଭୁବନେଶ୍ୱର, ୨୫।୨(ପି.ଏନ): କୋଲକାତାରୁ ଭୁବନେଶ୍ୱର ଆସିଥିବା ବିଜୁ ବାବୁଙ୍କ ଡାକୋଟା ବିମାନକୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ସମ୍ମୁଖରେ ରଖାଯାଇଛି। ଡାକୋଟାର ବେଲି ପାର୍ଟ ବା ମୁଖ୍ୟ ଯନ୍ତାଂଶ, ଦୁଇଟି ଚକ ସହ ଡାକୋଟାର ଏହି ଅଂଶକୁ ପ୍ରଥମ ପର୍ଯ୍ୟାୟରେ ଅବସ୍ଥାପିତ କରାଯାଇଛି। ୨୭ ତାରିଖରେ ଫ୍ୟୁଜ ଲସ ବା ବିମାନର ବଡିକୁ ଅଣାଯିବ । ୨୮ ତାରିଖରେ ୱିଙ୍ଗସ୍ ଆଣି ଲଗାଯିବ।

## ବଜେଟ ଅଙ୍ଗନବାଡ଼ି, ଅଶା କର୍ମୀ ଏବଂ ଶ୍ରମଜୀବୀଙ୍କୁ ନିରାଶ କରିଛି




ଭୁବନେଶ୍ୱର,୨୫।୨(ପି.ଏନ): ଚଳିତ ବଜେଟ ରେ ଅଙ୍ଗନବାଡି କର୍ମୀ, ଅଶା କର୍ମୀ ତଥା ସାଧାରଣ ଶ୍ରମିକ ଙ୍କ ଭତ୍ତା ବୃଦ୍ଧି, ସାମାଜିକ ନିରାପତ୍ତା ବାବଦରେ ବ୍ୟୟ ବରାଦ କୁ ଗୁରୁତ୍ୱ ଦିଆଯାଇନାହିଁ କ୍ଷ ଅଙ୍ଗନବାଡି କର୍ମୀ ଓ ଅଶା କର୍ମୀଙ୍କୁ ନିରାଶ କରିଛି କ୍ଷ ସରକାର ନିର୍ବାଚନ କୁ ଦୃଷ୍ଟିରେ ରଖି ସବୁ ବର୍ଗଙ୍କୁ ଖୁସି କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଯେଉଁଠି ତଳ ସ୍ତରରେ ସାଧାରଣ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ଆସୁଛନ୍ତି ସେହି ଅଙ୍ଗନବାଡି ଓ ଅଶା କର୍ମୀ ଙ୍କୁ ଅଣ ଦେଖା କରିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ପଶ୍ଚିମ ଓଡିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ ଓ ପଶ୍ଚିମ ଓଡ଼ିଶା ଅଶା କର୍ମୀ ସଂଘ ପକ୍ଷରୁ କୁହାଯାଇଛି ମହିଳା ଓ ଶିଶୁ ବିକାଶ ବିଭାଗ ସକାଶେ ୩୬୭୦ କୋଟି ବ୍ୟୟ ବରାଦ ହୋଇଛି କ୍ଷ ଯେଉଁ ୧୨ % ଅଧିକ କରାଯାଇଥିବା କଥା କୁହାଯାଉଛି ସେଥିରେ ମମତା ଯୋଜନା, ପୁଷ୍ଟି ଯୋଜନା ରେ ଅଧିକ ଅର୍ଥ ରଖାଯାଇଛି କ୍ଷ ତୃଣମୂଳ ସ୍ତରରେ ସରକାର ଙ୍କ ବିଭିନ୍ନ ଯୋଜନା ସୂତ୍ରାରୁ ରୂପେ ସମ୍ପାଦନା କରିଆସୁଥିବା ଅଙ୍ଗନବାଡି କର୍ମୀ ଙ୍କ ପାରିଶ୍ରମିକ ଅତ୍ୟନ୍ତ ନଗଣ୍ୟ କ୍ଷ ବଜାର୍ ଦର ହୁ ହୁ ହୋଇ ବଢି ଚାଲିଛି ସ୍ୱଳ୍ପ ଭତ୍ତା ରେ ପରିବାର ଚଳିବା କଷ୍ଟ ହୋଇପଡୁଛି କ୍ଷ ଭତ୍ତା ବୃଦ୍ଧି ନିହାତି ଜରୁରୀ ବୋଲି ପଶ୍ଚିମ ଓଡିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ କେନ୍ଦ୍ରୀୟ ସଭାନେତ୍ରୀ ଶ୍ରୀମତୀ ମୀରକ୍ଷବତୀ ଦଳ ବେହେରା, ସାଧାରଣ ସମ୍ପାଦକ ପ୍ରଭାସିନୀ ପାଢୀ, ସମ୍ବଲପୁର ଜିଲ୍ଲା ସଭାନେତ୍ରୀ ଦିଶିଳା ଧୁରୁଆ, ସମ୍ପାଦକ ପ୍ରମିଳା ସିଂହ, ବରଗଡ ଜିଲ୍ଲା ସଭାନେତ୍ରୀ ରୁକ୍ମିଣୀ ଜୁଆଡି, ସମ୍ପାଦକ ଘସସ୍ପବଙ୍କଭସଭସ ଦାଶ, ବଲାଙ୍ଗୀର ଜିଲ୍ଲା ସଭାନେତ୍ରୀ ମମତା ଶତପଥି, ସମ୍ପାଦକ ଗୌରୀ ଷଡଙ୍ଗୀ, ଝାରସୁଗୁଡ଼ା ଜିଲ୍ଲା ସଭାନେତ୍ରୀ ରୁବୀ ଷଡଙ୍ଗୀ, ସମ୍ପାଦକ ମହିମା ସାହୁ, ଉପଦେଷ୍ଟା ନଳିନୀ ନାୟକ, ସୋନପୁର ଜିଲ୍ଲା ସଭାନେତ୍ରୀ ଲିଲି ମିଶ୍ର, ସମ୍ପାଦକ ଶାନ୍ତି ଲତା ହବଶବୟବକ୍ଷବ,ବୌଦ୍ଧ ଜିଲ୍ଲା ସଭାନେତ୍ରୀ କ୍ଷିତି ସୁତା ମିଶ୍ର, ସମ୍ପାଦକ ସୁରଭି ସାହୁ, ଦେବଗଡ ଜିଲ୍ଲା ସଭାନେତ୍ରୀ ଗୀତାଞ୍ଜଳି ବେହେରା, ସମ୍ପାଦକ ୟସକ୍କବଭହବକ୍ଷସ ପ୍ରଧାନ, କଳାହାଣ୍ଡି ଜିଲ୍ଲା ରେବତୀ କୁମ୍ଭାର, ନୂଆପଡା ସୁଷମା ଭୋଇ ପ୍ରମୁଖ ଦାବି କରିଛନ୍ତି କ୍ଷ ଗରମ ରନ୍ଧା ଖାଦ୍ୟ ର ଧାର୍ଯ୍ୟ ଦର ସଂଶୋଧନ ହୋଇ ବୃଦ୍ଧି କରିବା, ଅଣ୍ଡା କମ୍ ଟଙ୍କା ରେ ଯୋଗାଇବା ସମ୍ଭବ ନୁହେଁ କ୍ଷ ଶ୍ରମ ସମିଳନୀରେ ନିଷ୍ପତ୍ତି ଅନୁସାରେ ୨୬ ହଜାର ଦରମା, ୧୦ ହଜାର ପେନସନ୍, ଅବସର ବୟସ ୬୫ ,ମୃତ୍ୟୁ କାଳୀନ ସହାୟତା ରାଶି ବୃଦ୍ଧି, ମିନି ଙ୍କୁ ଅଙ୍ଗନବାଡି କର୍ମୀ ପ୍ରଭୃତି ମୁଖ୍ୟ ପ୍ରସଙ୍ଗକୁ ରାଜ୍ୟ ଏବଂ କେନ୍ଦ୍ର ସରକାର ଏଡ଼ାଇ ଦେଉଥିବାରୁ ଉପରୋକ୍ତ କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିଛନ୍ତି କ୍ଷ ଦଳ ମତ ବିଚାର୍ ଊର୍ଦ୍ଧ୍ୱରେ ସମସ୍ତ ଅଙ୍ଗନବାଡି କର୍ମୀ ଓ ସହାୟିକା ଭଉଣୀ ମାନେ ଏକତ୍ରିତ ହୋଇ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ର ୧୩ ରୁ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଦିବା ରାତ୍ରି ଆନ୍ଦୋଳନ ଧାରଣା ଦିଆଯିବ ବୋଲି ପଶ୍ଚିମ ଓଡିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ ସହିତ ଅଲ ଓଡିଶା ଅଙ୍ଗନବାଡି କର୍ମୀ ସଂଘ ସଂଯୁକ୍ତ ମୋର୍ଚ୍ଚା ନେତୃତ୍ୱରେ ୫ ଗୋଟି ସଂଘ ମିଳିତ ଲଢେଇ ରେ ସାମିଲ୍ ହେବେ ବୋଲି ପଶ୍ଚିମ ଓଡିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ କର୍ମକର୍ତ୍ତା ମାନେ ସୂଚନା ଦେଇଛନ୍ତି ।

## କିଟ୍‌ରେ ଦ୍ୱିତୀୟ ୱାର୍ଲ୍ଡ ଲିଡରସିପ୍ କନଭେନସନ୍




ଭୁବନେଶ୍ୱର,୨୫।୨(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟ ଓ ବିଶ୍ୱ ଲିଡରସିପ୍ ଏକାଡେମୀର ମିଳିତ ଆନୁକୁଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ନେତୃତ୍ୱ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। 'ବିଶ୍ୱ ହେଉଛି ଏକ' ବିଷୟବସ୍ତୁ ଉପରେ ଆୟୋଜିତ ଏହି ନେତୃତ୍ୱ ସମାବେଶର ଉଦ୍‌ଘାଟନୀ ଉତ୍ସବରେ ମଧ୍ୟପ୍ରଦେଶସ୍ଥିତ ଉଦ୍ୟମିତା ବିଦ୍ୟାପୀଠ ଜେପି ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ନିର୍ଦ୍ଦେଶିକା ତଥା ବିଶିଷ୍ଟ ସାମାଜିକ ଉଦ୍ୟେଗୀ ଡ.ନନ୍ଦିତା ପାଠକ, ସିଏସଆଇଆର- କେନ୍ଦ୍ରୀୟ ସଡ଼କ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ପରିଡ଼ା, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମଲକାର, କଟକ ଜିଲ୍ଲା ମାଣିଆବନ୍ଧର ମହିଳା ଉଦ୍ୟେଗୀ ମନୋରମା ପାଲ୍, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ତଥା ୱାର୍ଲ୍ଡ ଲିଡରସିପ୍ ଆକାଡେମୀର ସଭାପତି ପ୍ରଫେସର ସସ୍ମିତା ସାମନ୍ତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଂଲଣ୍ଡର ଲିସେଷ୍ଟର ବିଶ୍ୱବିଦ୍ୟାଳୟ ଚେୟାର ପ୍ରଫେସର ୟୁଡଙ୍ଗ୍ ଜାହାଙ୍ଗ୍ ଭର୍ଚୁଆଲ୍‌ରେ ଯୋଗ ଦେଇଥିଲେ।ବର୍ତ୍ତମାନ ସମୟରେ ସମାନତା ଏବଂ ନ୍ୟାୟ, ବିବିଧତା ମଧ୍ୟରେ ଅନ୍ତର୍ଭୁକ୍ତିକରଣ, ସହନଶୀଳତାର ସଂସ୍କୃତି ଏବଂ ସୃଷ୍ଟି ଓ ବିନାଶ ଆଦି ପ୍ରସଙ୍ଗର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ସାମନ୍ତ କହିଥିଲେ, ଆମର ଏକତାରେ ଆମର ଶକ୍ତି ନିହିତ ଅଛି ବୋଲି ସମସ୍ତେ ଅନୁଭବ କରିବା ଉଚିତ। ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ହେଉଛି ବସୁଧୈବ କୁଟୁମ୍ବକମ୍- ଅର୍ଥାତ ସମଗ୍ର ବିଶ୍ୱ ଗୋଟିଏ ପରିବାର ଏବଂ ଆମେ ସମସ୍ତେ ସେହି ପରିବାରର ଜଣେ ଜଣେ ସଦସ୍ୟ ଓ ସଦସ୍ୟା। ଏହାର ପ୍ରତିଫଳନ କିଟ୍ ଓ କିସ୍‌ରେ ଦେଖିବାକୁ ମିଳିଥାଏ। ବିଶ୍ୱ ଏକ ବୋଲି କିଟ୍ ଓ କିସ୍‌ରେ ଆମେ ସବୁବେଳେ ଅନୁଭବ କରିଥାଉ। ଏଠାରେ ଧନୀ, ଗରିବ, ଉଚ୍ଚ, ନିଚ୍ଚର ଊର୍ଦ୍ଧ୍ୱରେ ବିଭିନ୍ନ ଦେଶ ଓ ରାଜ୍ୟ, ବିଭିନ୍ନ ଭାଷାଭାଷୀ ଓ ସଂସ୍କୃତିର ପିଲାମାନେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଏକାଠି ରହିଥାନ୍ତି ଓ ଏକାଠି ବଢ଼ିଥାନ୍ତି। ଏହା ହିଁ ବିଶ୍ୱ ଐକ୍ୟଭାବର ପ୍ରତିଫଳନ ବୋଲି ଶ୍ରୀ ସାମନ୍ତ କହିଥିଲେ। ବିବିଧତା ମଧ୍ୟରେ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରିବାବେଳେ ଆମକୁ ଫଳାଫଳକୁ ଅପେକ୍ଷା ନକରି ଆମର ଶକ୍ତି ଓ କାର୍ଯ୍ୟ ଦକ୍ଷତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ସେ କହିଥିଲେ। ପ୍ରଫେସର ସସ୍ମିତା ସାମନ୍ତ କହିଥିଲେ, ସାମାଜିକ ମୂଲ୍ୟବୋଧ ସୃଷ୍ଟି ନିମନ୍ତେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା ନିମନ୍ତେ ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ଏଭଳି ନେତୃତ୍ୱ ସମାବେଶ ଏକ ମଞ୍ଚ ଯୋଗାଇ ଦେଇଥାଏ। ଏହା ମଧ୍ୟ ଶିକ୍ଷା ଓ ତାଲିମ ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ସୁଯୋଗ ସହ ଯୋଡ଼ିବା ପାଇଁ ଏକ ପ୍ରକୃଷ୍ଟ ପ୍ଲାଟ୍‌ଫର୍ମ ସୃଷ୍ଟି କରିଥାଏ। ଆଆଇଟି, ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର କର୍ମାଲକାର୍ ଜଣେ କିପରି ଭଲ ଶିକ୍ଷକ ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ଜଣେ ଭଲ ଶିକ୍ଷକ ଛାତ୍ରଛାତ୍ରୀଙ୍କ ଦୃଷ୍ଟି ଆକର୍ଷିତ କରିପାରନ୍ତି ଏବଂ ପିଲାମାନଙ୍କୁ ଏକ ଭିନ୍ନ ଶୈଳୀରେ ବିଭିନ୍ନ କଥା ଶିଖିବା ପାଇଁ ଉତ୍ସାହିତ କରିଥାନ୍ତି। ବିଶିଷ୍ଟ ସାମାଜିକ ଉଦ୍ୟେଗୀ ଶ୍ରୀମତୀ ପାଠକ କିଟ୍ ଓ କିସ୍‌କୁ ଜ୍ଞାନର ସମୁଦ୍ର ବୋଲି ଅଭିହିତ କରିଥିଲେ। ଏଠାରେ ସମାଜର କଲ୍ୟାଣ ତଥା ଗରିବ ଓ ଅବହେଳିତଙ୍କ ଉତ୍ଥାନ ନିମନ୍ତେ ଜ୍ଞାନ ବିତରଣ କରାଯାଉଛି ବୋଲି ସେ କହିଥିଲେ। ଏହି ଅବସରରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟି ଓ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁଦର୍ଶନ ନନ୍ଦ, ପ୍ରଫେସର ପରିଡ଼ା, ମନୋରମା ପାଲ୍ ପ୍ରଫେସର ଜାହାଙ୍ଗ୍ ପ୍ରମୁଖ ବିଷୟବସ୍ତୁ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହି କନ୍‌ଭେନ୍‌ସନ୍‌ରେ ଦେଶ ବିଦେଶର ବହୁ ବିଶିଷ୍ଟ ଶିକ୍ଷାବିତ୍, ପ୍ରଫେସନାଲ୍ ଓ ଟେକ୍ନୋକ୍ରାଟ୍‌ମାନେ ଯୋଗ ଦେଇଥିଲେ। ପ୍ରଫେସର ପ୍ରଶାନ୍ତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ଜୟନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡିଶା ବଜେଟ୍ ସଂପୂର୍ଣ୍ଣ କେନ୍ଦ୍ରୀୟ ଅନୁଦାନ ଉପରେ ନିର୍ଭରଶୀଳ : ବିଜେପି

ଭୁବନେଶ୍ୱର, ୨୫।୨(ପି.ଏନ): ସଠିକ୍ ଆକଳନ ଜଣା ନଥିବା ରାଜ୍ୟ ସରକାର କେବଳ ସ୍ୱପ୍ନ ଦେଖିବାରେ ବ୍ୟସ୍ତ ରହି ରାଜ୍ୟବାସୀଙ୍କୁ ଗୋଟିଏ ପରେ ଗୋଟିଏ ଗୋଲାପୀ ସ୍ୱପ୍ନ ଦେଖାଇ ଚାଲିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଗତକାଲି ରାଜ୍ୟ ସରକାର ଉପସ୍ଥାପିତ କରିଥିବା ବଜେଟରେ ଏହା ପୁଣି ଥରେ ପ୍ରତିଫଳିତ ହୋଇଛି । ସଂପୂର୍ଣ୍ଣ ବଜେଟ୍‌କୁ ଅନୁଧ୍ୟାନ କଲେ, ଏହା "ବସ୍ତାନି ବଡ, ପାଠ କମ୍" ସଦୃଶ ଅଟେ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର କହିଛନ୍ତି ।ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ମିଛ କଥା କହି ରାଜ୍ୟବାସୀଙ୍କୁ ସୁନେଲୀ ସ୍ୱପ୍ନ ଦେଖାଉଥିବା ରାଜ୍ୟ ସରକାର ପ୍ରତି ବର୍ଷ ବଜେଟର ଅକାର ବଢେଇ ବଢେଇ ଚାଲିଛନ୍ତି ସତ, ମାତ୍ର ବର୍ଷ ଶେଷକୁ ୧୭ ପ୍ରତିଶତରୁ ୩୯ ପ୍ରତିଶତ ପର୍ଯ୍ୟନ୍ତ ଖର୍ଚ୍ଚ କରିବାରେ ବିଫଳ ହେଉଛନ୍ତି । ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ ଆକଳନ ହୋଇଥିବା ବଜେଟରୁ ୯୯,୬୭୬ କୋଟି ଟଙ୍କା ଖର୍ଚ୍ଚ ହୋଇ ନପାରିବା ରାଜ୍ୟ ସରକାରଙ୍କ ଦୁର୍ବଳ ଆର୍ଥୀକ ପରିଚାଳନାକୁ ପ୍ରମାଣିତ କରୁଛି। ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଓ ନିଯୁକ୍ତି କ୍ଷେତ୍ରରେ ବଜେଟରେ ବ୍ୟୟବରାଦ ଓ ଗ୍ରାଉଣ୍ଡ ଜିରୋରେ ବାସ୍ତବିକତା ଭିତରେ ଆକାଶ ପାତାଳ ଫରକ ଅଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

କେନ୍ଦ୍ର ସରକାରଙ୍କ ଅଂଶଧନ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ଏହି ବଜେଟ । ରାଜ୍ୟ ସରକାରଙ୍କ ନିଜସ୍ୱ ରୋଜଗାର ୧,୦୫,୫୦୦କୋଟି, ଯାହା ଦରମା ଓ ପେନସନ ବାବଦରେ ଖର୍ଚ୍ଚ ହୋଇଯାଉଛି । ଓଡ଼ିଶାର ମୋଟ ରାଜସ୍ୱରେ କେନ୍ଦ୍ରୀୟ ଟିକସ ୩୬,୯୭୮କୋଟିରୁ ୪୬,୨୫୧କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହା ସହ କେନ୍ଦ୍ରୀୟ ଅନୁଦାନ ବାବଦରେ ୩୨,୭୪୯କୋଟି ଟଙ୍କା ଓଡ଼ିଶାକୁ ମିଳିଛି। ରାଜ୍ୟ ରାଜସ୍ୱ ପ୍ରାପ୍ତିର ମୋଟ ୧,୮୪,୫୦୦କୋଟି ଟଙ୍କାରୁ ପାଖାପାଖି ୭୯,୦୦୦ କୋଟି ଟଙ୍କା ହେଉଛି କେନ୍ଦ୍ରର ଅବଦାନ। ସେହିପରି ମିଶନ ଶକ୍ତି, ପିଇବା ପାଣି, ପକ୍କାଘର ନିର୍ମାଣ, ଭିତିଭୂମି ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ବଜେଟରେ ବ୍ୟୟବରାଦ ହୋଇଥିବା ସମସ୍ତ ଅନୁଦାନ କେନ୍ଦ୍ର ସରକାରଙ୍କର । ଜଳଜୀବନ ମିଶନ ପାଇଁ ୫୬୫୦ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୯୩୪ କୋଟି, ଭିତିଭୂମି ନିର୍ମାଣ ପାଇଁ ୧୯୪୫୨ କୋଟି ଟଙ୍କା ହେଉଛି କେନ୍ଦ୍ରୀୟ ଅନୁଦାନ ଓ ଯୋଜନାର ଅଂଶସ୍ୱରୂପ । ବଜେଟ୍‌ରେ ଖର୍ଚ୍ଚ ବଢ଼ିଥିଲେ ମଧ୍ୟ ଜାତୀୟ ହାର ୧.୭୦ଲକ୍ଷ ତୁଳନାରେ ଓଡିଶାର ମୁଣ୍ଡପିଛା ଆୟ ୧.୫୦ଲକ୍ଷ ଟଙ୍କା ରହିଛି। ଜାତୀୟ ହାର ୨୨.୫ପ୍ରତିଶତ ଥିବା ସମୟରେ ଓଡ଼ିଶାର ୨୯.୫ପ୍ରତିଶତ ଜନସାଧାରଣ ଏବେ ବି ଗରିବ ଅଛନ୍ତି। ଟିକସ ଦାତାଙ୍କ ପଇସାକୁ କିଭଳି ଭାବରେ ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟାପକ ଅବ୍ୟବସ୍ଥା କରାଯାଉଛି, ତାହା ବଜେଟରେ ପ୍ରତିଫଳିତ ହୋଇଛି ।ବାସ୍ତବରେ ବଜେଟ୍‌ରେ କୌଣସି ନୂତନତ୍ୱ ନାହିଁ। ନୂତନତ୍ୱ ନାଁରେ ଯେଉଁ କେତେକ ନୂଆ ଯୋଜନା ସୃଷ୍ଟି କରାଯାଇଛି, ତାହା କେନ୍ଦ୍ର ସରକାରଙ୍କ ଯୋଜନାକୁ ହଡପ କରାଯାଇ ଲୋକଙ୍କୁ ଭ୍ରମିତ କରିବା ଉଦ୍ଦେଶ୍ୟରେ କରାଯାଇଛି। ମିଶନଶକ୍ତି ସ୍କୁଟର ଯୋଜନାରେ ୫୦କୋଟି ଟଙ୍କା ବ୍ୟୟ ବରାଦ କରି "ନୂଆ ଯୋଜନା"ର ସୃଷ୍ଟି ହେଉଛି ବୋଲି ପ୍ରହେଳିକା ସୃଷ୍ଟି କରାନଯାଉ। ରାଜ୍ୟ ସରକାର "କାଳିଆ" ଯୋଜନାରେ ଚଳିତବର୍ଷ ଅନୁଦାନ ବଢ଼ାଇଲେ ନାହିଁ। ଗତବର୍ଷ ଏହି ଯୋଜନା ପାଇଁ ୧୮୭୪କୋଟି ଟଙ୍କା ବ୍ୟୟବରାଦ କରିଥିବାବେଳେ ଏହି ବର୍ଷ ଏହା ୧୮୭୯କୋଟି ଟଙ୍କା ବ୍ୟବରାଦ କରିଛନ୍ତି। ମୋଦି ସରକାରଙ୍କ 'ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧି ଯୋଜନା'କୁ ଓଡ଼ିଶା ସରକାର "କାଳିଆ" ଅନୁଦାନ ଭାବରେ ଭ୍ରମ ସୃଷ୍ଟି କରିବାର ପ୍ରୟାସ ଜାରୀ ରଖିଛନ୍ତି । ରାଜ୍ୟରେ ବର୍ଷ ବର୍ଷ ଧରି ବିଭିନ୍ନ ଉଦ୍ୟାନ କୃଷି ଓ ଫଳ ପରିବା ମିଶନ ଅସଫଳ ହେବାର ମୁଖ୍ୟ କାରଣ ହେଉଛି ରାଜ୍ୟରେ ଶୀତଳଭଣ୍ଡାର ଏବଂ ଆନୁଷଙ୍ଗିକ ବିତରଣ ବ୍ୟବସ୍ଥାର ଅଭାବ। ସ୍ୱତନ୍ତ୍ର କୃଷି ବଜେଟ୍ ହେଲା ପରେ ବି ସରକାର ଗୋଟିଏ ହେଲେ ନୂଆ ଶୀତଳଭଣ୍ଡାରର ଯୋଜନା କରିନାହାନ୍ତି। ଏହା ସମସ୍ତ ଫଳ, ପନିପରିବା, ମାଛ ଚାଷୀଙ୍କୁ ହତୋତ୍ସାହିତ କରିଛି। ୨୦୨୦ ଆର୍ଥିକ ବର୍ଷ କୃଷି ବଜେଟରେ ୨,୯୦୧ କୋଟି; ୨୦୨୧ ରେ ୧,୫୪୪ କୋଟି ଖର୍ଚ୍ଚ ନ ହୋଇପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଚାଷୀକୁଳ ପ୍ରତି ଉପହାସ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।ସେହିପରି ଉଚ୍ଚ ମାଧ୍ୟମିକରେ ୨୭.୩ପ୍ରତିଶତ ଅଧାରୁ ପାଠପଢ଼ା ଛାଡୁଛନ୍ତି। ଉଚ୍ଚ ମାଧ୍ୟମିକରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ଅନୁପାତ ୬୨:୧ । ଗୁଣାତ୍ମକ ଶିକ୍ଷା ପାଇଁ ବଜେଟରେ କୌଣସି ବ୍ୟବସ୍ଥା ନାହିଁ। ଏହି ସାମ୍ବାଦିକ ସମ୍ମିଳନୀ ଅବସରରେ ରାଜ୍ୟ ମୁଖପାତ୍ର ଅନୀଲ ବିଶ୍ୱାଳ ଉପସ୍ଥିତ ଥିଲେ।

### ନର୍ଦ୍ଦମା ସଫା କରୁଛନ୍ତି ସେବାଶ୍ରମ ପିଲା; ସାର କହୁଛନ୍ତି- ଆମେ କହିନୁ



ଭୁବନେଶ୍ୱର, ୨୫।୨(ପି.ଏନ): ଛୋଟ ଛୋଟ ପିଲା। ଖେଳିବା ଓ ପାଠ ପ?ିବା ବୟସ। ହେଲେ ସେହି ବୟସରେ ସେମାନେ ସେବାଶ୍ରମର ନରଦ୍ଦମା ସଫା କରୁଛନ୍ତି। ହେଲେ ସାର୍ କହୁଛନ୍ତି- ଆମେ କହିନୁ ! ତାହାହେଲେ ଏଠି ପ୍ରଶ୍ନ ଉଠୁଛି, ନର୍ଦ୍ଦମା ସଫା କରିବାକୁ ପିଲାମାନଙ୍କୁ କହିଲା କିଏ ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି ଖବର ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ ଜିଲ୍ଲାରୁ ଆସିଛି। ଆଦିବାସୀ ପିଲାଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ୧୯୫୧ ମସିହାରେ କେ.ବାଲାଙ୍ଗ ଥାନା ଖରିଆବାହାଲରେ ସେବାଶ୍ରମ ପ୍ରତିଷ୍ଠା କରାଯାଇଥିଲା। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ରହି ପାଠ ପ?ିବାର ବ୍ୟବସ୍ଥା ରହିଛି। ବର୍ତ୍ତମାନ ଏହି ସେବାଶ୍ରମ ସ୍କୁଲରେ ୧୨୨ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି।

### ଲାଂଚ ନେଇ ଗିରଫ ହେଲେ ଡାଟା ଏଂଟ୍ରି ଅପରେଟର ଓ ପ୍ରାଥମିକ ଶିକ୍ଷକ

ଭୁବନେଶ୍ୱର, ୨୫।୨(ପି.ଏନ): ଥାଲାସେମିଆରେ ପୀଡିତ ପୁଅର ଛାତ୍ରବୃତି ଟଙ୍କା ଦେବାକୁ ବାପା ଠାରୁ ୨ ହଜାର ଟଙ୍କା ଲାଂଚ ନେବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି ଓଡ଼ିଶା ଭିଜିଲାନ୍ସ। ଗିରଫ ଦୁଇ ଜଣଙ୍କ ମଧ୍ୟରୁ ଜଣେ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ଡାଟା ଏଂଟ୍ରି ଅପରେଟର ଓ ଅନ୍ୟଜଣେ ପ୍ରାଥମିକ ଶିକ୍ଷକ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ଧିରେନ୍ଦ୍ର ସେନାପତି,ଡାଟା ଏଂଟ୍ରି ଅପରେଟର,ରାମସା ସେକ୍ସନ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ପୁରୀ ଓ ପ୍ରହ୍ଲାଦ ପ୍ରଧାନ, ପ୍ରାଥମିକ ଶିକ୍ଷକ, ଖଣ୍ଡବଜାର, ବ୍ରହ୍ମଗିରି ଜଣେ ଅଭିଯୋଗକାରୀଙ୍କଠାରୁ ତାଙ୍କ ଥାଲାସେମିଆ ପୀଡିତ ପୁତ୍ରଙ୍କ ଛାତ୍ରବୃତି ଟଙ୍କା ପ୍ରଦାନପାଇଁ ୨୦୦୦ଟଙ୍କା ଲାଂଚ ନେଇଥିଲେ।






# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି । ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡ଼ିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ଫେବୃଆରୀ ୨୬

# ନାକରୁ ରକ୍ତ ପଡ଼ିଲେ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ପେଟ ଗରମ ହେଲେ ନାକରୁ ରକ୍ତ ବାହାରିଥାଏ । ଅଧିକ ସମୟ ଖରାରେ କାମ କରିବା ଦ୍ୱାରା ନାକରୁ ରକ୍ତ ପଡ଼ିଥାଏ । ନାକରୁ ରକ୍ତ ବାହାରିବା ଦୃଶ୍ୟ ଯେତେ ମାରାତ୍ମକ ଦେଖାଯାଏ ପ୍ରକୃତରେ ତାହା ସେତେ ମାରାତ୍ମକ ନୁହେଁ । ନାକରୁ ରକ୍ତ ପଡ଼ିବା ଆରମ୍ଭ ହେଲେ ବିଚଳିତ ନ ହୋଇ ଶାନ୍ତିରେ ବସି ରୁହନ୍ତୁ । ରକ୍ତ ବାହାରିବା ଆରମ୍ଭ ହେଲେ ଚଟାଣ ଉପରେ ବସି ଯାଆନ୍ତୁ । ନିଜ ମୁଣ୍ଡକୁ ସାମ୍ନା ପଟକୁ ଝୁଙ୍କାଇ ରଖନ୍ତୁ । ମୁଣ୍ଡକୁ ଛାତି ଉପରେ ରଖିବାକୁ ଚେଷ୍ଟା କରନ୍ତୁ । କେବେ ପଛକୁ ଝୁଙ୍କିବାକୁ ଚେଷ୍ଟା କରନ୍ତୁ ନାହିଁ । ନାକ ବାଟେ ବାହାରୁଥିବା ରକ୍ତ ଯେପରି ପେଟ ଭିତରକୁ ନଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ପେଟ ଭିତରକୁ ରକ୍ତ ଗଲେ ଝାଡ଼ାବାନ୍ତି ହେବାର ବହୁତ ସମ୍ଭାବନା ରହିଛି । ବୁଢ଼ା ଆଙ୍ଗୁଠି ଓ ତର୍ଜନୀ ଆଙ୍ଗୁଠି ସାହାଯ୍ୟରେ ନାକକୁ ଚାପି ଧରନ୍ତୁ । ରକ୍ତ ବନ୍ଦ ହେବା ପର୍ଯ୍ୟନ୍ତ ଏଭଳି ଭାବେ ଧରି ରଖନ୍ତୁ । ୫ ମିନିଟ ପରେ ଯଦି ରକ୍ତ ବନ୍ଦ ନହୁଏ ପୁଣି ୧୦ ମିନିଟ ପାଇଁ ଚାପି ଧରନ୍ତୁ । ନାକ ଉପରେ ବରଫ ଖଣ୍ଡ ମାଲିସ କରି ପାରିବେ । ଥରେ ରକ୍ତ ବନ୍ଦ ହେବା ମାତ୍ରେ ଏଭଳି କିଛି କରନ୍ତୁ ନାହିଁ ଯଦ୍ୱାରା ପୁଣି ଥରେ ରକ୍ତସ୍ରାବ ଆରମ୍ଭ ହେବ । କୌଣସି ପ୍ରକାରର ପତ୍ର କିମ୍ବା ଫୁଲକୁ ହାତରେ ମକଚି ରୋଗୀକୁ ଶୁଙ୍ଘାନ୍ତୁ ନାହିଁ । ଛୋଟ ପିଲାମାନଙ୍କ ନଖ ପ୍ରତି ସପ୍ତାହରେ କାଟିବାକୁ ଭୁଲନ୍ତୁ ନାହିଁ । ରାତିରେ ଭଲ ଭାବେ ବାୟୁ ଚଳାଚଳ କରୁଥିବା ସ୍ଥାନରେ ଶୁଅନ୍ତୁ । ଅତ୍ୟଧିକ ଧୂମପାନଠାରୁ ଦୂରେଇ ରୁହନ୍ତୁ । ନାକରେ କାଠି ପୁରାଇ ଛିଙ୍କିବାକୁ ଚେଷ୍ଟା କରନ୍ତୁ ନାହିଁ । ଏହାଦ୍ୱାରା ନାକରେ କ୍ଷତ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ନାକ ଅନେକ ଲୋକଙ୍କ କୁଣ୍ଡେଇ ହୁଏ । ଏହା ଭିତରୁ ଅଧିକାଂଶ ଘଟଣାବଳୀ ହେଉଛି ସ୍ୱାଭାବିକ ପ୍ରକ୍ରିୟା କିନ୍ତୁ ଆପଣ ଲକ୍ଷ୍ୟ ରଖିଥିବେ ଅନେକ ଲୋକ ବାରମ୍ବାର ସମୟରେ ମଧ୍ୟ ନାକ ଭିତରେ ଆଙ୍ଗୁଠି ଚାଳନା କରିଥାନ୍ତି ଏହା ଆଦୌ ଠିକ୍ ନୁହେଁ । ରକ୍ତସ୍ରାବ ହେଉଥିଲେ ଏହାକୁ ସାଧାରଣ ଭାବନ୍ତୁ ନାହିଁ କିମ୍ବା ଏହାକୁ ଟୁଟ୍‌କା ଟୁଟ୍‌କି ଚିକିତ୍ସା କରନ୍ତୁ ନାହିଁ । କାରଣ ଏହା ପରବର୍ତ୍ତୀ ସମୟରେ ଆପଣଙ୍କ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ । ୧୫ ମିନିଟରୁ ଅଧିକ ସମୟ ପରେ ଯଦି ରକ୍ତସ୍ରାବ ବନ୍ଦ ନ ହୁଏ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

*ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦*

# ଏସିଡ଼ ଆଟାକ୍ ଓ ଆଇନ ବ୍ୟବସ୍ଥା



ଗଙ୍ଗାଧର ସାମଲ

ଆଜିକାଲି ମହିଳାମାନେ ଘର ଚଳାଇବା ଠାରୁ ଆରମ୍ଭ କରି ଚନ୍ଦ୍ରକୁ ଯିବା ଭଳି କାର୍ଯ୍ୟ କଲେଣି, ହେଲେ ଆଜି ବି ସେମାନଙ୍କୁ ଏଭଳି କଷ୍ଟ ମିଳିବା ବନ୍ଦ ହୋଇନି । ଏଭଳି ଅନେକ ମାମଲା ସାମ୍ନାକୁ ଆସୁଛି, ଯାହା ଅତ୍ୟନ୍ତ ବିରକ୍ତ । କେଉଁଠି ଏକତରଫା ପ୍ରେମ ପାଇଁ ଯୁବତୀଙ୍କ ମୁହଁରେ ଏସିଡ଼ ପକା ଗଲାଣି ତ ଅନ୍ୟ କେଉଁଠି ପ୍ରତିଶୋଧ ନେବା ପାଇଁ । ପ୍ରତିଦିନ ଏଭଳି ଘଟଣା ସମ୍ପର୍କରେ ଖବର କାଗଜରେ ପଢ଼ିବାକୁ ମିଳୁଛି । ତେବେ ମଣିଷ ଏତେ ନିର୍ଦ୍ଦୟ କିଭଳି ହୋଇପାରେ ସେ ନେଇ ଅନେକ ସମୟରେ ତର୍କ ମଧ୍ୟ ହୋଇଥାଏ । ନିଜର ପ୍ରତିଶୋଧ ପାଇଁ ଅନ୍ୟଜଣଙ୍କ ଜୀବନ ସହିତ ଏତେ ଭୟଙ୍କର ଉପାୟରେ ଖେଳିବାକୁ ମଧ୍ୟ ପଛାଇ ନଥାନ୍ତି କେତେକ ଦୟାହୀନ ମଣିଷ ।

ଏସିଡ଼ ଆଟାକ୍‌କୁ ନେଇ ଦେଶରେ ବିଭିନ୍ନ କଡ଼ା ନିୟମ ରହିଛି । ହେଲେ ଏହି ନିୟମର ପ୍ରଭାବ କମ ପଡ଼ୁଥିବା ବିଭିନ୍ନ ସମୀକ୍ଷାରୁ ଜଣାପଡ଼ୁଛି । ଦେଶରେ ପ୍ରତି ସମୟରେ ଏହି ଅପରାଧ ବଢ଼ିବାରେ ଲାଗିଛି । ଏକ ସର୍ଭେ ଅନୁସାରେ ୨୦୧୪ରେ ୨୦୩, ୨୦୧୫ରେ ୨୨୨, ୨୦୧୬ରେ ୨୮୩, ୨୦୧୭ରେ ୨୫୨, ୨୦୧୮ରେ ୨୨୮ଟ ଏସିଡ଼ ଆଟାକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି । ସେହିଭଳି ୨୦୧୯ରେ ପାଖାପାଖି ୨୪୯ ଓ ୨୦୨୦ରେ ୧୮୨ଟି ମାମଲା ରୁଜୁ ହୋଇଛି । ଏହି ତଥ୍ୟରୁ ଜଣାପଡ଼େ ଦେଶରେ ଏସିଡ ଆଟାକର ମାମଲା କମିବା ବଦଳରେ ବଢ଼ିବାରେ ଲାଗିଛି । କୌଣସି ଆଇନ କିମ୍ବା ଦଣ୍ଡର ଡର ଏମାନଙ୍କୁ ଏଭଳି ଅପରାଧ କରିବାରୁ ରୋକି ପାରୁନାହିଁ । ଏଭଳି ଅମାନବୀୟ ଅପରାଧ ବଢ଼ିବାରେ ଲାଗିଛି । ଏହି ଅପରାଧ ଦେଶର ସବୁ ରାଜ୍ୟରେ ହେଉଥିବାବେଳେ ସବୁଠାରୁ ଅଧିକ ମାମଲା କୋଲକାତାରେ ଦେଖିବାକୁ ମିଳିଛି । ୨୦୨୧ରେ ହୋଇଥିବା ଏକ ସର୍ଭେ ଅନୁଯାୟୀ କୋଲକାତାରେ ପାଖାପାଖି ୩୦ଟି ଏସିଡ ଆଟାକ ମାମଲା ସାମ୍ନାକୁ ଆସିଥାଏ, ଯେଉଁଥିପାଇଁ ଏହା ତାଲିକାର ଏକ ନମ୍ବରରେ ରହିଛି । ଏହାପରେ ଉତ୍ତର ପ୍ରଦେଶ ୧୮ଟି ମାମଲା ସହ ଦ୍ୱିତୀୟରେ, ୮ଟି ମାମଲା ସହିତ ଦିଲ୍ଲୀ ତୃତୀୟରେ, ସାତୋଟି ମାମଲା ସହ ଆସାମ ଚତୁର୍ଥରେ ରହିଛି । ତେବେ ଏହି ସମସ୍ତ ମାମଲା ତର୍ଜମା କଲେ ଜଣାପଡ଼େ କି ଦେଶରେ ଏସିଡ ଆଟାକକୁ ନେଇଥିବା ନିୟମରେ ପରିବର୍ତ୍ତନର ଆବଶ୍ୟକତା ରହିଛି । ଏହାକୁ ଆହୁରି କଡ଼ାକଡ଼ି କରିବାର ଆବଶ୍ୟକତା ରହିଛି । ଏସିଡ଼ ଆଟାକ ମାମଲା ବଢ଼ିବାରୁ ଦୀର୍ଘ ୯ବର୍ଷ ପୂର୍ବେ ସୁପ୍ରିମକୋର୍ଟ ଏସିଡ଼ କିଣିବାକୁ ନେଇ କିଛିଟା ନିୟମ କରିଥିଲେ । ହେଲେ ବିଭିନ୍ନ ସମୟରେ ଦେଖିବାକୁ ମିଳିଥାଏ କି ଏହି ନିୟମର ପାଳନ ହୋଇନଥାଏ । ସୂଚନା ଅନୁସାରେ ଏଥିରୁ ଅନେକ ନିୟମ କେବଳ କାଗଜ କଲମରେ ରହିଛି । ତେବେ ନିୟମ ଅନୁସାରେ ୧୮ ବର୍ଷରୁ କମ ବ୍ୟକ୍ତିଙ୍କୁ ଏସିଡ଼ କିଣିବା ପାଇଁ ଅନୁମତି ନାହିଁ । ସେହିଭଳି ଦୋକାନୀ ଯେଉଁମାନେ ଏସିଡ଼ ବିକିବେ ସେମାନେ ଗ୍ରାହକଙ୍କର ସମ୍ପୂର୍ଣ୍ଣ ତଥ୍ୟ ରଖିବା ମଧ୍ୟ ଜରୁରୀ । ଏହି ତଥ୍ୟରେ ଗ୍ରାହକଙ୍କର ଠିକଣା ରହିବାର ଆବଶ୍ୟକତା ରହିଛି । ସେହିଭଳି ଦୋକାନୀଙ୍କ ପାଖରେ କେତେ ପରିମାଣର ଏସିଡ଼ ବିକ୍ରି ପାଇଁ ରହିଛି, ସେ ନେଇ ପ୍ରଶାସନ ପାଖରେ ମଧ୍ୟ ସୂଚନା ରହିବା ଆବଶ୍ୟକତା ଅଛି । ସେହିଭଳି ହସ୍ପିଟାଲ, ବିଭିନ୍ନ ଲ୍ୟାବ, ଶିକ୍ଷାନୁଷ୍ଠାନ ଆଦିରେ ଯେଉଁଥିରେ ବି ଏସିଡ଼ର ବ୍ୟବହାର ହେଉଛି, ତାହାର ଲିଖିତ ତଥ୍ୟ ରଖିବାକୁ ନିୟମ ରହିଛି । ହେଲେ ବିଭିନ୍ନ ସମୟରେ ଏହି ନିୟମ ପାଳନ ହେଉନଥିବା ଦେଖିବାକୁ ମିଳୁଛି । ବଜାରରେ ଯିଏ ଚାହୁଁଛି ସିଏ ସହଜରେ ଏସିଡ଼ କିଣିପାରୁଥିବାବେଳେ ଏହାର କୌଣସି ହିସାବ ଦୋକାନୀଙ୍କ ପାଖରେ ରହୁନାହିଁ । ସେହିଭଳି ଏହି ଗ୍ରାହକଙ୍କର କୌଣସି ତଥ୍ୟ ମଧ୍ୟ ଦୋକାନୀ ରଖୁନଥିବା ଜଣାପଡ଼ିଛି । ଯାହାଫଳରେ ଯେତେବେଳେ ବି କୌଣସି ଅପରାଧ ଘଟୁଛି ପୋଲିସ ଅପରାଧୀ ବିଷୟରେ ସନ୍ଧାନ ପାଇବାରେ ହଇରାଣ ହେଉଛି । ବର୍ତ୍ତମାନ ଯେକୌଣସି ବି ଅପରାଧ ହେଉ ଏହାକୁ ନେଇ ଅନେକ କଡ଼ା ନିୟମ ପ୍ରସ୍ତୁତ କରାଯାଇଛି । ଏହି ନିୟମ ଅପରାଧକୁ ରୋକିବାକୁ ତିଆରି କରାଯାଇଛି । ତେବେ ଏସିଡ଼ ଆଟାକକୁ ନେଇ ପୂର୍ବରୁ କୌଣସି ଅଲଗା ନିୟମ ଏଥିପାଇଁ ନଥିଲା । ଏହି ମାମଲା ୩୨୬ ଅଧୀନରେ ରେଜିଷ୍ଟର ହେଉଥିଲା । ଏହି ଧାରା ଅଧୀନରେ ଅପରାଧୀ ଉପରେ ଗମ୍ଭୀର ଭାବେ ଆହତ କରିବାର ମାମଲା ଲାଗୁଥିଲା । ହେଲେ ପରେ ଏଥିରେ ୩୨୬ ଏ ଓ ବି ଯୋଡ଼ା ଯାଇଥିଲା । ସଂପୃକ୍ତ ଧାରା ଅଧୀନରେ ଏହାକୁ ଜାମିନ ରହିତ ଅପରାଧ ଭାବେ ଗଣାଯାଉଥିଲା । ଏହି ଅପରାଧ ଜଘନ୍ୟ ହୋଇଥିଲେ ଆଜୀବନ କାରାଦଣ୍ଡର ବିଧାନ ରହିଛି । ସେହିଭଳି ଅପରାଧୀ ଠାରୁ ଫାଇନ ଆଦାୟ କରି ପୀଡ଼ିତାଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୨୨୬୬୪୭*

# ଇଏ ବାଦାମବାଡ଼ି...



ସୁମନ୍ତ ରାଉତ

ପୁରୁଣା କଟକିଆ କେହି କେହି ମନେପକାଇ କୁହନ୍ତି ଯେ ଆଜିର ବାଦାମବାଡ଼ି ନାମକରଣ ପଛରେ ରହିଛି ଏକ ପୁରୁଣା କଥା । ଆଗେ କୁଆଡ଼େ ଏହି ସ୍ଥାନରେ ବାଦାମ ଚାଷ ହେଉଥିଲା ଆଉ କେହି କେହି କୁହନ୍ତି ଏଠି କୁଆଡ଼େ ବେଶି ବାଦାମ ବିକ୍ରି ହେଉଥିଲା । ଇଏତ କଉ ସମୟର କଥା ସତ କି ମିଛ କି ଘଟଣାର କଥା କୁହା ଜଣାନାହିଁ । କିନ୍ତୁ ଓଡ଼ିଶାର ଜନ୍ମ କୁଣ୍ଡଳି ଲେଖା ହେଲାବେଳକୁ ବାଦାମବାଡ଼ିକୁ ଛାଡ଼ି କାହାଣୀ ଅଧୁରା ରହିଯିବ । ସଂଞ୍ଜ ହେଲେ ଗୋଠେ ଗାଇ ରାତି ପାହିଲେ କିଛି ନାହିଁ.... । ବାଦାମବାଡ଼ି ସତରେ ହିଁ ବାଦାମବାଡ଼ି । ହଜାର ବର୍ଷର ପରିଚୟରେ ସମୃଦ୍ଧ କଟକ ସହର ହେଉଛି ଭାଇଚାରାର ସହର । ଏଠି ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଓ ଦଳ ନିର୍ବିଶେଷରେ ସମସ୍ତଙ୍କର ଚରିତ୍ର ଗୋଟିଏ ତାହା ହେଉଛି ଆମେ କଟକିଆ । କଟକକୁ ନେଇ କଟକିଆ ମାନଙ୍କର ଢ଼େର ଗର୍ବ । ଥରେ କଟକ ସହରରେ ଯିଏ ପାଦ ଦେଇଛନ୍ତି ସେମାନେ ଆଉ ଏହାକୁ ଛାଡ଼ି ଯାଇନାହାଁନ୍ତି । ଜନ୍ମ ହୋଇଥିବା ପିଲାଟି ହେତୁ ପାଇଲା ବେଳକୁ ସେ ଦେଖୁଛି ଏହି କଟକରେ ତା' ବାଲ୍ୟ ଜୀବନ, ଏଇଠି ପାଠପଢ଼ା, ଏଇଠି ପ୍ରେମ ପ୍ରଣୟ, ଏଇଠି କର୍ମମୟ ଜୀବନ ଆଉ ଏଇଠି ବି ତା ଜୀବନର ଶେଷ ବିଶ୍ରାମ । ଅନେକ ଆସିଥାନ୍ତି ନିଜର ଦାନାପାଣି ପାଇଁ ହେଲେ କଟକ ଆଉ ବାଦାମବାଡ଼ିର ମାୟାରେ ଏଇଠି ନିଜ ଜୀବନ କାଳ ନିର୍ବାହ କରିଦିଅନ୍ତି ।

ଆମେ ବାଦାମବାଡ଼ି କଥା ଲେଖୁଛୁ । ଏହି ବାଦାମବାଡ଼ି କଟକ ସହରର ମୁଖ୍ୟ ପ୍ରାଣକେନ୍ଦ୍ର କହିଲେ ଅତ୍ୟୁକ୍ତି ହେବନାହିଁ କାରଣ ଦୁଇ ପଟେ ମହାନଦୀ ଆଉ କାଠଯୋଡ଼ି । ଗମନା ଗମନର ସବୁ ବ୍ୟବସ୍ଥା ଏଇଠି । ବସଷ୍ଟାଣ୍ଡ ଠାରୁ ଫିଲମ ହଲ୍, ଛତ୍ରବଜାରରୁ ମାଲଗୋଦାମ... ରେଭେନ୍ସା କଲେଜରୁ ମଧୁସୁଦନ ଆଇନ ମହାବିଦ୍ୟାଳୟ । ସବୁର ରାସ୍ତା ଏଇଠୁ ଲମ୍ବିଛି । ବାଦାମବାଡ଼ି ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଦାନା ଯୋଗାଇଛି । କିଏ ଫଳ ବିକ୍ରି କରୁଛି ତ, କିଏ ହୋଟେଲ ଖୋଲିଛି, କିଏ ରିକ୍ସା ଟାଣୁଛି ତ କିଏ ଭଡ଼ା ଅଟୋ ଦେଇ ଦୁଇ ପଇସାର ଗୁଜୁରାଣ ଚଳେଇ ନେଉଛି । ତେଜରାତି ଦୋକାନରୁ ପେପର ଦୋକାନ, ପରିବା ଦୋକାନରୁ ବହି ଦୋକାନ, ଟିକେଟ କାଉଣ୍ଟରରୁ ମଦ ଦୋକାନ, ଫୁଲ ଦୋକାନରୁ ଖାବାର ଦୋକାନ..... ସବୁ ଏଇଠି । ତଥାପି ବେଳେ ବେଳେ ଭୁଲବୁଝାମଣାରେ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୁଏ ପରେ ଗୁରୁ ଗୁରୁଜନ, ବଡ଼ଭାଇ, ପୋଲିସ ପ୍ରଶାସନ ଓ ସାହି ମୁରବୀମାନେ କଥା ମେଣ୍ଟେଇ ଦିଅନ୍ତି । ବୁଝାମଣା ଭଲ ହୋଇଯାଏ, ପୁଣି ସମ୍ପର୍କ ଗଢ଼ି ଉଠେ । ତଥାପି କିଛି କାନକୁହା ବା ଖଳ ପ୍ରକୃତିର ଥାଆନ୍ତି ଯେଉଁମାନେ ଅନ୍ୟର ଦାନାରେ ଧୂଳି ପକାନ୍ତି, ଖଚମିଛ କହି ସେମାନଙ୍କର ଜୀବନ ଜୀବିକା ଉପରେ ଆଖି ପକାଇ ଦାଦାଗିରି ଦେଖାଇ ଅର୍ଥ ଅସୁଲ କରନ୍ତି । କଥାରେ ନାହିଁ 'ଜୋର ଯାର ମୂଲକ ତାର' । ଏଠି ଧାର୍ମିକ ଅଛନ୍ତି ଆଉ ଅଧାର୍ମିକ ମଧ, ସତିଆ ଅଛନ୍ତି ଆଉ ମିଛୁଆ ମଧ, ଚରିତ୍ରବାନ ଅଛନ୍ତି ଆଉ ଲମ୍ପଟ ମଧ । ସମସ୍ତଙ୍କୁ ନେଇ ବାଦାମବାଡ଼ି କହିବାକୁଗଲେ ଚବିଶ ଘଣ୍ଟା ଲୋକମୁଖରରେ ଗହଳି ବଢ଼ାଏ । ଖବର କାଗଜର ସକାଳ ଗାଡ଼ି, ଦୂରଦୂରାନ୍ତରୁ ରାତି ବସରେ ଆସୁଥିବା ଲୋକମାନଙ୍କ ଠାରୁ ଆରମ୍ଭ ହୁଏ ବାଦାମବାଡ଼ିର ଅନ୍ଧାରୁଆ ସକାଳ । ରାତି ବସ ଛାଡ଼ିବା ପରେ ମାତାଲ ମାନଙ୍କର ବୋବାଳ ଆଉ ପିସିଆର ପୋଲିସର ସାଇରନ ଗାଡ଼ିରେ ବାଦାମବାଡ଼ି ଶୋଇପଡ଼େ । ଏଠି ରାଣୀମହୁମାଛିମାନେ ମଧ ବାଦାମବାଡ଼ିର ରାତିକୁ ଗରମ କରନ୍ତି । କେହି କେହି ବି ଦିନରେ ମଳୟ ଆମେ ରାତିରେ ବାସନ୍ତୀ ।

ସତରେ ବାଦାମବାଡ଼ିର ମାୟାରେ ଯିଏ ପଡ଼ିଛି ସିଏ ବାୟା । ଆଉ ଛାଡ଼ିକି ଯାଇନି ଏହି ଯାଗାକୁ । ପଇସା ନଥାଇ ବି ଜଣେ ଏଠି ପରପାଇଟି କରି ନିଜ ଗୋଡ଼ରେ ଛିଡ଼ା ହୋଇ ପ୍ରତିଷ୍ଠା ପାଇଛି । ଭାଇଚାରାର ସୁସମ୍ପର୍କରେ କେହି କେହି ନିଜ ଜୀବନ ଚିତ୍ର ବଦଳାଇଛନ୍ତି । ଦାନାପାଣି ଦେଇ ଗରିବର ରୋଜିରୋଟି ଗୁଜୁରାଣ ଚଳାଇ ନେଉଥିବା ଏହି ବାଦାମବାଡ଼ି ଆମର ମାଆ, ବାପା ଆଉ ଆମ ଆଶ୍ରୟଦାତା । ବାଦାମବାଡ଼ିକୁ ନେଇ ଯେତେ ଲେଖିଲେ ବି କମ ପଡ଼ିଯିବ । ସରକାର ବାଦାମବାଡ଼ିର ଏକ ପ୍ରକାର ନବକଳେବର କରୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଭଲ କଥା ! ଲୋକମାନେ ସୁବିଧା ସୁଯୋଗ ପାଇବେ, ନିଜ ଜୀବନର ଚକ୍ର ବଦଳାଇବେ, ଭାଇଚାରାର ସହରରେ ନିଜ ସୁନ୍ଦର ଜୀବନ ଆଗେଇନେଇ ସମାଜ ପାଇଁ ସର୍ବୋପରି କଟକ ମାଟି ପାଇଁ ଆଉ ବାଦାମବାଡ଼ିର ଉନ୍ନତିକଳ୍ପେ କିଛି କିଛି ଦାୟିତ୍ୱ ନିର୍ବାହ କରିବେ ।

*ଶଙ୍କରପୁର ଢ଼ିହସାହି, ବାଦାମବାଡ଼ି, କଟକ,*
*ଦୂରଭାଷ : ୮୨୪୯୪୦୬୦୨୭*

# କିଶୋର ପୁତ୍ରକନ୍ୟାଙ୍କ ଅସଲ ମାର୍ଗଦର୍ଶକ ହେବେ କିପରି

ଜୟନ୍ତୀ ପଣ୍ଡା

କୈଶୋରାବସ୍ଥା ପ୍ରତ୍ୟେକଙ୍କ ପାଇଁ ଏକ ସନ୍ଧିକ୍ଷଣ ସମୟ । ଏହି ସମୟରେ ପିଲାମାନେ ଅଧିକ ସ୍ୱାଧୀନତା ଲୋଡ଼ି ବସୁଥିବା ବେଳେ ଆମ ଭାରତୀୟ ସମାଜ, ସଂସ୍କୃତି ସବୁଯାକ କଟକଣା ଲାଗୁ କରେ ସେଇ କିଶୋର କିଶୋରୀଙ୍କ ପାଇଁ । ସାମାଜିକ ସମ୍ପର୍କକୁ ବାଦ୍ ଦେଲେ ବାକି ରହିଲା ପାଠପଢ଼ା । ଅଧିକାଂଶ ପିଲା ନିଜର ଭବିଷ୍ୟତ କ୍ୟାରିଅର୍‌କୁ ନେଇ ଅଧିକ ଚିନ୍ତିତ ହୋଇପଡ଼ନ୍ତି । କାରଣ, ପ୍ରତିଯୋଗିତାମୂଳକ ପୃଥିବୀରେ ସାଙ୍ଗସାଥୀଙ୍କ ସହିତ ପାଦ ମିଳାଇ ଚାଲିବାର ଅଛି । ତେଣୁ, ଏହି ସମୟରେ ପିତାମାତା ବା ଅଭିଭାବକମାନେ ସାବଧାନତାର ସହିତ କିଶୋର ସନ୍ତାନଙ୍କ ସହ ଆପୋଷ ଆଲୋଚନା କରି ସବୁ କ୍ଷେତ୍ରରେ ସହଯୋଗ କରିବା ଜରୁରୀ । ସାଧାରଣତଃ ୧୦ରୁ ୧୯ ବର୍ଷ ବୟସ ହେଉଛି କୈଶୋର ସମୟ । ଏହି ସମୟରେ କିଶୋରଙ୍କ ଅପେକ୍ଷା କିଶୋରୀମାନଙ୍କ ଶାରୀରିକ ଓ ଆବେଗିକ ବିକାଶ ଦ୍ରୁତତର ହୋଇଥାଏ । ଶିକ୍ଷା ଦୃଷ୍ଟିରୁ ଦେଖିଲେ ଏହି ବୟସରେ ପଢ଼େ ମୂଳଦୁଆ । ତେଣୁ ପିତାମାତାମାନେ କିଶୋର ସନ୍ତାନଙ୍କୁ ସ୍ୱାଧୀନ ଭାବେ ସବୁ କାମ କରିବାକୁ ସୁଯୋଗ ଦେବା ଉଚିତ । କେବଳ ସହାୟତା ଯଥେଷ୍ଟ ହେବ । ପିଲାମାନେ ଜ୍ଞାନ ଆହରଣ ପାଇଁ ନିଜେ ଇଣ୍ଟରନେଟ୍ ଦେଖିବା ବା ଲାଇବ୍ରେରୀକୁ ଯିବା ଉଚିତ । ପିତାମାତାମାନେ ଜାଣିବା ଦରକାର ଯେ କିଶୋର ସନ୍ତାନଟି ଆଦୌ ଶିଶୁ ନୁହେଁ । ଜଣେ ସ୍ୱୟଂ ସଂପୂର୍ଣ୍ଣ ମଣିଷର କ୍ଷୁଦ୍ର ସଂସ୍କରଣ । ତେଣୁ ଏହି ବୟସରୁ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ସମସ୍ତ ଉଦ୍ୟମ କରାଯିବା ଆବଶ୍ୟକ । ମଝିରେ ମଝିରେ ଚା କରିବା, ଖାଦ୍ୟ ବାଢ଼ି ଖାଇବା, ନିଜେ ନେଇ ଦୁଧ ଓ ପାଣି ପିଇବା ଦିଗରେ ପ୍ରୋତ୍ସାହନ ଦେବା ଦରକାର । କୈଶୋରାବସ୍ଥାରେ ଅନେକ ସମୟରେ ପିତାମାତାଙ୍କ କଥା ପିଲାମାନଙ୍କୁ ଭଲ ଲାଗେ ନାହିଁ । ଅନେକ ପିଲା ପିତାମାତାଙ୍କ କାମ ଓ କଥାକୁ ନାପସନ୍ଦ କରନ୍ତି । ତେଣୁ ଏଥିରେ ବାପା ମା'ଙ୍କ ବ୍ୟସ୍ତ ହେବାର କିଛି ନାହିଁ । ବରଂ ନିଜେ ସମସ୍ତ ପ୍ରକାର ଅନୈତିକ କାର୍ଯ୍ୟରୁ ଦୂରେଇ ରହି ସନ୍ତାନଙ୍କ ଦୋଷାରୋପର ସାମ୍ନା କରି ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିବା ଦରକାର । ପିଲାମାନଙ୍କ ଅଭିଯୋଗକୁ ନେଇ ବିବ୍ରତ ହେବା ଉଚିତ ନୁହେଁ ।

କିଶୋର ସନ୍ତାନଙ୍କ ଭଲ ପାଇଁ ପିତାମାତା ଅସୀମ ଧୈର୍ଯ୍ୟଶୀଳ ହେବା ଦରକାର । କିଛି ନୀତି ନିୟମ ବିଷୟରେ ଏହି ବୟସର ପୁଅ-ଝିଅଙ୍କୁ ଅବଗତ କରାଇବାର ଥିଲେ ବୁଝାଇ ଶୁଝାଇ କହିବା ଦରକାର । କିଶୋର ସନ୍ତାନମାନଙ୍କ ସବୁକଥା ପ୍ରଥମେ ଧୈର୍ଯ୍ୟର ସହ ଶୁଣିବା ଆବଶ୍ୟକ । ନହେଲେ, ସେମାନେ ସାଙ୍ଗସାଥୀଙ୍କୁ ଅଧିକ ପ୍ରିୟଭାବି ସେମାନଙ୍କ ପରାମର୍ଶ ଗ୍ରହଣ କରିବାକୁ ପସନ୍ଦ କରିବେ ଓ ବାପା ମା'ଙ୍କୁ କଥା ଲୁଚାଇବେ । ପାଠପଢ଼ା ନେଇ ସବୁବେଳେ ଗାଳିଗୁଲଜ କରିବା ଉଚିତ ମଧ୍ୟ ନୁହେଁ । ବରଂ ସମସ୍ୟାରୁ କିପରି ସେମାନେ ମୁକ୍ତି ପାଇବେ ସେଥିପ୍ରତି ଆବଶ୍ୟକ ଧ୍ୟାନ ଦେବା ଜରୁରୀ । ଯୌନ ସମ୍ପର୍କିତ ସମସ୍ତ ପ୍ରଶ୍ନର ଅନାବେଗିକ ଉତ୍ତର ଦେବା ଆବଶ୍ୟକ । ପ୍ରଥମେ ପ୍ରଥମେ ହୁଏତ ଏହା ଅଡୁଆ ଲାଗିପାରେ । ପ୍ରତ୍ୟେକ ପିତାମାତା ସେମାନଙ୍କ କିଶୋର ସନ୍ତାନଙ୍କର ଉପଯୁକ୍ତ ବନ୍ଧୁ ହେବା ଉଚିତ । ପରିବର୍ତ୍ତିତ ପରିସ୍ଥିତିରେ ଆଜି ପରିବାରରେ ସାମାଜିକ ମୂଲ୍ୟବୋଧ ଏବଂ ନୈତିକ ମୂଲ୍ୟବୋଧର ଅବକ୍ଷୟ ଘଟିଛି । ତେଣୁ ପରିବାରରେ ସୁସଂହତ ଓ ଶାନ୍ତ ପରିବେଶ କ୍ୱଚିତ୍ ପରିଲକ୍ଷିତ ହେଉଛି । ଅଧିକାଂଶ ପିତାମାତା ଏବେ ଏତେ ବ୍ୟସ୍ତ ଯେ ନିଜ ସମୟରୁ କିଛି ସମୟ ବାହାର କରି ପୁତ୍ରକନ୍ୟାମାନଙ୍କ ସହ ବିତାଇବାକୁ ଚାହୁଁନାହାନ୍ତି । ଏହା ପିତାମାତା ଓ ସନ୍ତାନମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଦୁର୍ବଳ କରେ । ଏଣୁ ସେମାନେ ଅଧିକରୁ ଅଧିକ ସମୟ ଏକା ସାଥିରେ କାଟିବା ଦରକାର ।କିଶୋରମାନେ ଚାହାନ୍ତି ଯେ ସେମାନେ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୁଅନ୍ତୁ । ତେଣୁ ସାମାଜିକ ଉତ୍ସବରେ ସେମାନଙ୍କୁ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ପିତାମାତା ସୁଯୋଗ ଦେବା ଉଚିତ । ତାହାହେଲେ ନିଜର ଅନ୍ତର୍ନିହିତ ଗୁଣକୁ ସେମାନେ ଚିହ୍ନିବାର ସୁଯୋଗ ପାଇବେ । କିଶୋର ସନ୍ତାନ ଓ ପିତାମାତା ପରସ୍ପର ପସନ୍ଦକୁ କିଭଳି ଭାବେ ଗ୍ରହଣ କରୁଛନ୍ତି ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବା ଜରୁରୀ ।

ନିଜର ସନ୍ତାନଙ୍କୁ ଅବିଶ୍ୱାସ କଲେ ସେମାନଙ୍କ ଆତ୍ମବିଶ୍ୱାସ ଦୁର୍ବଳ ହୋଇଯାଏ । ସେମାନଙ୍କ ପାଇଁ କେବଳ ନୀତି ନିୟମର ଲମ୍ବା ଧାଡ଼ି ତିଆରି ନକରି ସେମାନଙ୍କ ଇଚ୍ଛା, ଆକାଙ୍କ୍ଷାକୁ ଯଥେଷ୍ଟ ସମ୍ମାନ ଦିଆଯିବା ଉଚିତ । କିଶୋରୀ କନ୍ୟାମାନଙ୍କୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିବା ଦିଗରେ ମା'ମାନଙ୍କର ଭୂମିକା ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହା ନିଃସନ୍ଦେହରେ କୁହାଯାଇପାରେ । ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କର ଏ ଦିଗରେ ମଧ୍ୟ କର୍ତ୍ତବ୍ୟ ରହିଛି ।

*ଫରିଦାବାଦ, ହରିୟାନା*

# ଭଞ୍ଜ ସାହିତ୍ୟରେ ନାରୀ



ବାଦଲ ଭୂୟାଁ

କବିତାକୁ କଳାମଞ୍ଜୁଳ ଓ ରସାଳତମ ସଙ୍ଗୀତ ବାହାନାରେ ଅଧିଷ୍ଠିତ କରାଇବା ପାଇଁ ବହୁ ଶତାବ୍ଦୀ କାଳ ଓଡ଼ିଆ ଜାତି ସାଧନା କରିଥିଲା । କିନ୍ତୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ହିଁ ଏହି ସାଧନାର ମୁଣ୍ଡି ମାରିଥିଲା । ଯେଉଁ ଅଳଙ୍କାରବିଭବ ଓ ରସବିଭବ ନେଇ ସଂସ୍କୃତ ଭାଷା ବିଶ୍ୱବନ୍ଦ୍ୟା, ସେ ସବୁକୁ ନିଜ କାବ୍ୟ କବିତାରେ ପ୍ରବର୍ତ୍ତନ କରି ଓଡ଼ିଆ ଭାଷାର ସ୍ଥିତି ଦୃଢ଼ କରିଥିଲେ ସେ । ତେବେ ସେତେବେଳର ସମାଜରେ ନାରୀର ଦୟନୀୟ ସ୍ଥିତିକୁ ପରିବର୍ତ୍ତନ କରିବାର ଚିନ୍ତା ନେଇ ସେ ଯେଉଁ କାବ୍ୟ କବିତାମାନ ରଚନା କରିଯାଇଥିଲେ ତା'ର ପ୍ରଭାବ ଆଜିର ସମାଜରେ ଦେଖିବାକୁ ମିଳୁଛି । ଓଡ଼ିଆ ଜାତି ଯେଉଁ ଜଣକୁ କବିଭାବେ ହୃଦୟର ସହିତ ଗ୍ରହଣ କରିଛି ସେ ହେଉଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ । ସେଥିପାଇଁ ଓଡ଼ିଆମାନଙ୍କ ପ୍ରାଣକୁ ଚିହ୍ନିଥିବା ଗୋପବନ୍ଧୁ ଲେଖିଥିଲେ- ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ -ପଥେ ପାନ୍ଥ ଦୁଷ୍ଟମନା, ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷ, ନୃତ୍ୟରଙ୍ଗେ ବାରାଙ୍ଗନା । ଓଡ଼ିଆ ସାହିତ୍ୟ ନିଜର ପୃଷ୍ଠଭୂମି ପାଇଁ ସଂଘର୍ଷ କରୁଥିବା ସମୟରେ ଆବିର୍ଭାବ ହୋଇଥିଲେ ଉଚ୍ଚକୋଟୀର ଶବ୍ଦ ଓ ବର୍ଣ୍ଣନା ଯୋଗୁଁ ଚଷାଠାରୁ ବାରାଙ୍ଗନା ଯାଏଁ ସମସ୍ତଙ୍କ ପ୍ରିୟ ହୋଇପାରିଥିଲା । ଗତାନୁଗତିକ ସାହିତ୍ୟରୁ ବ୍ୟତିକ୍ରମ ଥିଲା ଭଞ୍ଜ ସାହିତ୍ୟ । ସମାଜକୁ ସୁସ୍ଥ ସୁନ୍ଦର କରିବାରେ ସହାୟକ ହେଉଥିବା ପୁରାଣ ବର୍ଣ୍ଣିତ ବିଚାରଧାରାକୁ ଗ୍ରହଣ କରିବା ସହ ଏହାର ପରିପନ୍ଥୀ ବିଚାରଧାରାକୁ ପ୍ରତ୍ୟାଖ୍ୟାନ ମଧ୍ୟ କରିଥିଲେ ସେ । ସେଥିମଧ୍ୟରୁ ମୁଖ୍ୟ ଥିଲା ନାରୀମାନଙ୍କ ସମ୍ପର୍କରେ ପୁରାଣ ଆଦିରେ ରହିଥିବା ଚିନ୍ତାଧାରା । ମାନବ ସମାଜର ଅର୍ଦ୍ଧେକ ନାରୀ ଶକ୍ତି ହୋଇଥିଲେ ମଧ୍ୟ ବିଭିନ୍ନ ଧର୍ମରେ, ଧର୍ମ ଗ୍ରନ୍ଥରେ ସେମାନଙ୍କୁ ସର୍ବଦା ନ୍ୟୁନଭାବେ ଦର୍ଶାଯାଇଛି । ଏତାକୁ ଉପେନ୍ଦ୍ର ଭଞ୍ଜ ସହଜରେ ଗ୍ରହଣ କରିପାରିନଥିଲେ । ତେଣୁ ସେ ଲେଖିଥିଲେ - 'ପୁରାଣ ଅଭିଧାନ ଜାଣିଥିଲେ, ଜାଣି କିସ ହେବ ବିହୃଦ ହେଲେ । କେବଳ ହିନ୍ଦୁପୁରାଣ ନୁହେଁ, କୋରାନ୍, ବାଇବେଲ୍, ତ୍ରିପିଟକ ଆଦି ଧର୍ମଗ୍ରନ୍ଥ ଗୁଡ଼ିକରେ ମଧ ନାରୀମାନଙ୍କୁ ନ୍ୟୁନଦୃଷ୍ଟିରେ ବର୍ଣ୍ଣନା କରାଯାଇଛି । ହରିବଂଶ ପୁରାଣରେ ବର୍ଣ୍ଣିତ ଅଛି "ଦେବଗୁରୁ ମୋଇଲେ ସ୍ତ୍ରୀରୀଙ୍କି ନଯିବ ପରତେ, ସ୍ତ୍ରୀରିଙ୍କୁ ବିଶ୍ୱାସ ଗଲେ ଅନ୍ୟାଚାର ସଯୁଗତେ ।" ଶ୍ରୀମଦଭାଗବତରେ ନାରୀକୁ ମାୟା, ଅଜ୍ଞାନ, ଅନ୍ଧକାର, ଛଳନା ଓ କପଟର ପ୍ରତିରୂପ ଭାବରେ, ମୋକ୍ଷ ସାଧନର ପ୍ରଧାନ ଅନ୍ତରାୟ ଭାବେ ବର୍ଣ୍ଣନା କରାଯାଇଛି । ଏମନ୍ତ ସଙ୍ଗ ନ କରିବ । ଯେ ସୁଭାଗ୍ୟେ ଇଚ୍ଛାଥିବ । ଯେ ମୋକ୍ଷ ସାଧନ ଇଚ୍ଛିବ । ସେ ନାରୀସଙ୍ଗ ନ କରିବ । ନାରୀ ଅଜ୍ଞାନ ତମଦ୍ୱାର । ଯୋଗୀ ଛାଡ଼ିବେ ସଙ୍ଗ ତାର । କେବଳ ମାୟାରେ ଯୁବତୀ । ନିର୍ମାଣ କଲା ପ୍ରଜାପତି । ବ୍ୟାଧ ଯେସନେ ଛନ୍ଦ କରି । ଜୀବ ବିନାଶେ ପାଶେ ଭରି । ତେସନ ନାରୀଙ୍କ ବଚନ । ବିଶ୍ୱାସୀ ହରେ ପ୍ରାଣୀ ମନ । ଭାଗବତରେ ନାରୀମାନଙ୍କୁ ଶୂଦ୍ରମାନଙ୍କ ସହ ତୁଳନା କରାଯାଇ ବେଦ, ଶାସ୍ତ୍ର ଶୁଣିବା, ପଢ଼ିବା, ଆଲୋଚନା କରିବା ନିମନ୍ତେ ଅଯୋଗ୍ୟ ବୋଲି କୁହାଯାଇଛି । କୋରାନ୍ ଓ ବାଇବେଲ୍‌ରେ ମଧ୍ୟ ନାରୀମାନଙ୍କ ଉପରେ ପୁରୁଷଙ୍କ ଆଧିପତ୍ୟକୁ ସ୍ୱୀକୃତି ଦିଆଯାଇଛି । ତ୍ରିପଟକରେ କୁହାଯାଇଛି 'ଯେଉଁ ପର୍ଯ୍ୟନ୍ତ ସ୍ୱାମୀମାନଙ୍କ ପ୍ରତି ପୁରୁଷମାନଙ୍କର ଅଣୁମାତ୍ର କାମନା ରହିବ ସେ ପର୍ଯ୍ୟନ୍ତ ପୁରୁଷ ମଧ ଦୁଧ ପିଉଥିବା ବାଛୁରୀ ଯେପରି ଗାଇ ସହିତ ରହିଥାଏ, ସେହିଭଳି ସ୍ତ୍ରୀ ସହିତ ବାନ୍ଧି ହୋଇ ରହିଥିବ ।" ଧର୍ମଗ୍ରନ୍ଥ ଗୁଡ଼ିକରେ ନାରୀ ନିର୍ଯ୍ୟାତନା କେବଳ ଲେଖନୀରେ ସୀମିତ ନଥିଲା ବରଂ ତାହା ପ୍ରକୃତରେ ହେଉଥିଲା । ରାମାୟଣ, ମହାଭାରତ ଆଦି ଗ୍ରନ୍ଥ ଗୁଡ଼ିକରେ ନାରୀ ନିର୍ଯ୍ୟାତନା ନିଛକ ଉଦାହରଣ ଦେଖିବାକୁ ମିଳିଥାଏ । ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀ ଯେଉଁ ଭଳି ଭାବେ ସର୍ବ ସମ୍ମୁଖରେ ନିର୍ଯ୍ୟାତିତା ହୋଇଛନ୍ତି ତାହା ଏବେ ମଧ ସଚେତନ ବ୍ୟକ୍ତିର ଲୋମ ଟାଙ୍କୁରାଇ ଦିଏ । କବି ସମ୍ରାଟ ଉପେନ୍ଦ୍ରଙ୍କ ହୃଦୟ ଏହି ଅତ୍ୟାଚାରରେ ବ୍ୟଥିତ ହୋଇଛି । ସେ ନାରୀ ପୁରୁଷଙ୍କ ଜୀବନ ଓ ଆତ୍ମା ଭିତରେ କୌଣସି ପାର୍ଥକ୍ୟ ଦେଖି ନାହାନ୍ତି । ତେଣୁ ତାଙ୍କ ମତରେ ଅତ୍ୟାଚାର ତ ଦୂରର କଥା ପୁରୁଷ ନାରୀ ଉପରେ ଆଧିପତ୍ୟ ବିସ୍ତାର କରିବା ଉଚିତ୍ ନୁହେଁ । ନାରୀ ପୁରୁଷ ଦୁଇରେ, ଘେନି ଏକ ଜୀବନ କେବଳ ତନୁ ଭିନ୍ନ, ଯୋଗେ ଏକତ୍ୱ ହୋଇରେ । (ଲା.ବ- ୪୭/୧୮) ହିନ୍ଦୁ ପୁରାଣମାନଙ୍କରେ ନାରୀର ପାତିବ୍ରତ୍ୟ ଓ ସତୀତ୍ୱ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଏଥି ନିମନ୍ତେ ବହୁବିଧ ଉପାସବ୍ରତ, କଠୋର ନୀତିନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୃନ୍ଦାବତୀ, ସୀତା, ସାବିତ୍ରୀ, ସତୀ ଅନୁସୂୟା ଭଳି ଚରିତ୍ରର ସତୀତ୍ୱ ଓ ପତିଭକ୍ତିର ବର୍ଣ୍ଣନା କରାଯାଇ ନାରୀମାନଙ୍କ ସେହିଭଳି ହେବାପାଇଁ ପ୍ରେରିତ କରାଯାଇଛି । କିନ୍ତୁ ପୁରୁଷମାନଙ୍କ ପ୍ରୀତିର ସେଭଳି ପରାକାଷ୍ଠା କାହିଁ କୌଣସି ସ୍ଥାନରେ ମଧ୍ୟ ଦେଖିବାକୁ ମିଳିନାହିଁ । ଶିବପୁରାଣ, ଲକ୍ଷ୍ମୀପୁରାଣ ଆଦିରେ ନାରୀମାନଙ୍କୁ ପୁରୁଷଙ୍କ ପାଦର ଯୋତା ଓ ଦାସୀଭାବେ ବର୍ଣ୍ଣନା କରାଯାଇଛି । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ପୁରାଣ ବର୍ଣ୍ଣିତ ଏହି ମତବାଦକୁ ଗ୍ରହଣ କରିପାରି ନାହାନ୍ତି । ସେ କହିଛନ୍ତି ସ୍ତ୍ରୀ ସ୍ୱାମୀଙ୍କ ଭିତରେ ପ୍ରଭୁ - ଭୃତ୍ୟ ସଂପର୍କ ଆଦି ପାରିନାହିଁ ଉଭୟେ ସେବ୍ୟ ପୁଣି ଉଭୟ ସେବକ । କେବଳ ସେତିକି ନୁହେଁ ପୁତ୍ର ସନ୍ତାନକୁ ଉତ୍କୃଷ୍ଟ ବୋଲି ମାନି ନାହାନ୍ତି ସେ । ତାଙ୍କ ମତରେ ପୁତ୍ର, କନ୍ୟା ଉଭୟେ ଈଶ୍ୱରଙ୍କ ଅବଦାନ ତେଣୁ ସେମାନଙ୍କ ଭିତରେ ଶ୍ରେଷ୍ଠ ଓ ନିକୃଷ୍ଟର ପାତର ଅନ୍ତର ବିଚାର ଈଶ୍ୱରଙ୍କ ଇଚ୍ଛା ନୁହେଁ । ରାଜା, ମହାରାଜା ଓ ମୋଗଲ ସମ୍ରାଟମାନଙ୍କ ଅମଳରେ ନାରୀମାନଙ୍କୁ ପଣ୍ୟଦ୍ରବ୍ୟ ଭଳି ବ୍ୟବହାର କରାଯାଉଥିଲା । କବି ଉପେନ୍ଦ୍ର ଏହାର ବିରୋଧ କରିପାରିଥିଲେ ଯେ, ନାରୀମାନଙ୍କୁ ସେମାନଙ୍କ ନାର୍ଯ୍ୟ ଅଧିକାର ମିଳୁ ନଥିବା ଫଳରେ ସମାଜର ଅର୍ଦ୍ଧାଧିକ ବ୍ୟକ୍ତି ସ୍ଥାଣୁ ହୋଇଯାଇଛନ୍ତି । ଏକ ସୁସ୍ଥ ସୁନ୍ଦର ସମାଜ ପାଇଁ ସେ ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବାକଥା ଚିନ୍ତା କରିଥିଲେ । ଉପେନ୍ଦ୍ର ଭଞ୍ଜଙ୍କ କବିତାରେ ନାରୀର ସର୍ବଦା ମୁଖ୍ୟ ସ୍ଥାନ ରହିଛି । ତାଙ୍କର ଶହ ଶହ କାବ୍ୟରେ ନାରୀର ସ୍ଥାନ ବନ୍ଦନୀୟା ହୋଇ ରହିଛି । ନିଜସ୍ୱ ରୀତିରେ ସେ ନାରୀକୁ ଉପଯୁକ୍ତ ମର୍ଯ୍ୟାଦା ଦେବାକଥା ଚିନ୍ତା କରିଥିଲେ । ତେଣୁ ସେ ସ୍ତ୍ରୀକୁ ସମସ୍ତ ମୂଲ୍ୟବାନ ରତ୍ନଠାରୁ ଭିନ୍ନ, ଅନନ୍ୟ ଓ ଅମୂଲ୍ୟ ଭାବେ ବର୍ଣ୍ଣନା କରିଛନ୍ତି । କବି ଉପେନ୍ଦ୍ର ଜାଣିଥିଲେ ସୌନ୍ଦର୍ଯ୍ୟଦ୍ୱାରା ନାରୀକୁ ପୁରୁଷଠାରୁ ଭିନ୍ନ ଓ ଅନନ୍ୟ କରାଯାଇପାରିବ । ତେଣୁ ତାଙ୍କର କାବ୍ୟ କବିତାରେ ସେ ନାରୀର ସୌନ୍ଦର୍ଯ୍ୟକୁ ଅତ୍ୟନ୍ତ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି । 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ଲାବଣ୍ୟବତୀ', 'ପ୍ରେମ ସୁଧାନିଧି' ଆଦି କାବ୍ୟଗ୍ରନ୍ଥରେ ସେ ନାରୀର ପ୍ରତିଟି ଅଙ୍ଗକୁ ଶବ୍ଦ ଚାତୁରୀରେ ବହୁ ଉପମା ଦେଇ ଉତ୍କର୍ଷତା ପ୍ରମାଣ କରିଛନ୍ତି । କିଏ କୁରଙ୍ଗ କି ଅବା ତୁ ରଙ୍ଗ । ଏଣି ତେଣିକି କରାଇ ସୁରଙ୍ଗ । କିଏ ନବ ବିକଚ ପଦ୍ମଦଳ । ପଡ଼ି କାଳନ୍ଦୀ ଜଳେ ଢଳଢଳ । କିଏ ସୁଧା ସିନ୍ଧୁର ଅବତରି । ହୁଏ ତରଳ ଗରଳ ଲହରୀ । କି ଏ ଗଙ୍ଗା କଲ୍ଲୋଳେ ବାତ ଯୋଗେ । ନୀଳ ଉତ୍ପଳ ଚଳେ ଢଳେ ଦୁଇ ଦିଗେ । (ର.ଲେ. ୫-୫-୮) କେବଳ ସୌନ୍ଦର୍ଯ୍ୟରେ ନାରୀକୁ ଶ୍ରେଷ୍ଠତା ପ୍ରଦାନ କରି ଚୁପ୍ ହୋଇ ବସି ଯାଇନଥିଲେ କବି ଉପେନ୍ଦ୍ର । ଏବେଠାରୁ ତିନିଶହ ବର୍ଷ ତଳେ ମଧ ସେ ନାରୀ ଶିକ୍ଷାର ମହତ୍ତ୍ୱ ବିଷୟରେ ଚିନ୍ତା କରିପାରିଥିଲେ । ସେ ଜାଣିଥିଲେ ଯେ ଶିକ୍ଷିତା ନହେଲେ ନାରୀ ପୁରୁଷର ସମକକ୍ଷ ହୋଇପାରିବ ନାହିଁ ତେଣୁ ନିଜର କାବ୍ୟ ନାୟିକାମାନଙ୍କୁ ସେ ବିଭିନ୍ନ ବିଦ୍ୟାରେ ପାରଦର୍ଶୀ ବିଦ୍ୟା ସହିତ ସଂଗୀତ ଶାସ୍ତ୍ର, ନୃତ୍ୟ ଶାସ୍ତ୍ର, ଚିତ୍ରକଳା, ତନ୍ତ୍ର ବିଦ୍ୟା, ଜ୍ୟୋତିଷ ବିଦ୍ୟାରେ ମଧ ପାରଙ୍ଗମ କରାଇଛନ୍ତି ସେମାନଙ୍କୁ । କେବଳ କାବ୍ୟ ନାୟିକା ନୁହେଁ ସଖୀ ଓ ଦାସୀମାନଙ୍କୁ ମଧ ସେ ଶିକ୍ଷିତା କରାଇ ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ପୁଣି ପୋଥିଗତ ବିଦ୍ୟାରେ ସନ୍ତୁଷ୍ଟ ହୋଇନାହାନ୍ତି କବି ଉପେନ୍ଦ୍ର । ବୁଦ୍ଧି ବଳରେ ନାରୀ ପୁରୁଷର ସମକକ୍ଷ ହୋଇପାରିବ ଭାବି ସେ ନିଜ ରଚନାରେ ନାରୀ ଚରିତ୍ରମାନଙ୍କୁ ବିଦୁଷୀ, ତୀକ୍ଷ୍ଣ ବୁଦ୍ଧି ସମ୍ପନ୍ନା ଭାବରେ ଚିତ୍ରଣ କରିଛନ୍ତି । ନାରୀକୁ ପୁରୁଷର ସହକର୍ମୀ ଭାବେ ସମଭୂମିରେ ଅବସ୍ଥାପନ କରାଇଛନ୍ତି । ନାରୀମାନଙ୍କ ସମ୍ବନ୍ଧରେ ନିଜର ମନ୍ତବ୍ୟ ଦେଇ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି "ନାରୀରୁ ଅଧିକ ହୋଇନାହିଁ ତିନିପୁରୀ, ପରମ ପଦାର୍ଥ ଏକା ବୋଲି ସେ ନାରୀ ।" ଉପେନ୍ଦ୍ର ଭଞ୍ଜଙ୍କ କଳ୍ପନାର ନାରୀ ଆଜି ସେହି ସ୍ତରରେ ପହଞ୍ଚି ପାରିଛି । ଆମେ ଏବେ ନାରୀମାନଙ୍କୁ ଶିକ୍ଷା, କର୍ମକ୍ଷେତ୍ର, କଳା, ସାହିତ୍ୟ, ବିଜ୍ଞାନ, ରାଜନୀତି, କ୍ରୀଡ଼ା ଆଦି କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନରେ ଦେଖିବାକୁ ପାଉଛୁ । ଏବେ ନାରୀମାନଙ୍କ ଅଧିକାର ସମ୍ପର୍କରେ ଦାବୀ କରାଯାଉଛି, ମହିଳା ସଶକ୍ତିକରଣ କଥା କୁହାଯାଇଛି କିନ୍ତୁ ତାହା ବହୁବର୍ଷ ପୂର୍ବେ ଦୂର ଦୃଷ୍ଟି ସମ୍ପନ୍ନ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ଦେଖିବାକୁ ମିଳିଥାଏ ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫*

# ବିଲଙ୍କା ରାମାୟଣ



ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଭାରତୀୟ ସାଂସ୍କୃତିକ ଜୀବନରେ ପୁରାଣ ପାଠ ଓ ପୁରାଣ ଚର୍ଚ୍ଚା ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିବା ଜଣାଯାଏ । ଭାରତର ସର୍ବତ୍ର ବେଦ, ବେଦାନ୍ତ, ଧର୍ମଶାସ୍ତ୍ର ତଥା ଗୀତା ସବୁ ପୁରାଣ ସମାନ ବୋଲି ବିବେଚିତ ହୁଏ । ପୁରାଣ ପ୍ରଚାର ହିନ୍ଦୁ ପାଇଁ ହିନ୍ଦୁର ଧର୍ମ ରୂପେ ସ୍ୱୀକୃତିପ୍ରାପ୍ତ ହୋଇଛି । ବୌଦ୍ଧ, ଜୈନ, ଶିଖ ସଂପ୍ରଦାୟର ଲୋକେ ମଧ୍ୟ ସ୍ୱଧର୍ମର ପ୍ରଚାର ପାଇଁ ପୁରାଣ ସାହିତ୍ୟର ଆଶ୍ରୟ ନେଇଛନ୍ତି । ପୌରାଣିକ ଧର୍ମ ସମାଜର ଧର୍ମରେ ପରିଣତ ହୋଇଛି । ବିଲାଙ୍କା ରାମାୟଣ କବି ସାରଳା ଦାସଙ୍କର ପ୍ରଥମ ପୁରାଣ । ପୁରାଣର ପଞ୍ଚ ମୌଳିକ ଲକ୍ଷଣ ଏ ପୁରାଣରେ ଅଂଶୀକୃତ ହୋଇନାହିଁ । ମାତ୍ର ବୈଦିକ ପରମ୍ପରା ଠାରୁ ଏହା ବିଚ୍ଛିନ୍ନ ନୁହେଁ ବୋଲି ପୁରାଣକାରମାନେ କହିଛନ୍ତି । ବେଦଶାସ୍ତ୍ର ନିନ୍ଦା କଲେ ମୃତ୍ୟୁ ନିକଟବର୍ତ୍ତୀ ହୁଏ ବୋଲି ମତ ଦେଇଛନ୍ତି । ସେହିପରି ବିଷ୍ଣୁ ନିନ୍ଦା କଲେ ମଧ୍ୟ ଅନୁରୂପ ଦଶା ଭୋଗ କରିବାକୁ ହୁଏ ବୋଲି କହିଛନ୍ତି । ବିଷ୍ଣୁ ଓ ବେଦର ସମର୍ଥନ କରି ବୈଦିକ ପରମ୍ପରା ଓ ବୈଷ୍ଣବ ଧର୍ମ ଦେବତାକୁ ଗୌରବାନ୍ୱିତ କରିଛନ୍ତି । କିନ୍ତୁ ବିଲଙ୍କା ରାମାୟଣ ଏକ ଶାକ୍ତ ରାମାୟଣ । ବଲଙ୍କାର ସହସ୍ର ଶିର ରାବଣ ସୀତାଙ୍କର ଉଲଗ୍ନ ତନୁ ଦର୍ଶନ କରି ବିନିଷ୍ଟ ହୋଇଥିଲା । ସୀତା ଯୁଦ୍ଧ ଯାତ୍ରା କରିବା ପୂର୍ବରୁ ମଙ୍ଗଳାଙ୍କୁ ସ୍ତୁତି କରି ଶକ୍ତିଭିକ୍ଷା କରିଛନ୍ତି ଓ ମଙ୍ଗଳା ତାହାଙ୍କୁ ଶକ୍ତି ଦେଇଛନ୍ତି । ସମଗ୍ର ପୁରାଣରେ ଶକ୍ତିଙ୍କର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରାଯାଇଛି । ରାମଚନ୍ଦ୍ର ମହାମାୟାଙ୍କଠାରେ ଶରଣ ଭିକ୍ଷା କରିଛନ୍ତି । ପୁରାଣର ବହୁସ୍ତଳରେ ଶକ୍ତିଙ୍କ ବନ୍ଦନା କରାଯାଇଛି ।

ଗ୍ରନ୍ଥର ପ୍ରାରମ୍ଭରେ ଶିବ, ପାର୍ବତୀ ଶ୍ରୀହରିଙ୍କର ବନ୍ଦନା କରି କବି ସାରଳାଙ୍କ କୃପାଭିକ୍ଷା କରିଛନ୍ତି । ଅତଏବ ଶୈବ ବୈଷ୍ଣବ ଦେବତାଙ୍କର ଗୌରବବର୍ଦ୍ଧନ କରିସ୍ଥା ସଙ୍ଗେ ସଙ୍ଗେ କବି ସ୍ୱ ସଂପ୍ରଦାୟର ଦେବତା ଶକ୍ତିଙ୍କର ମହତ୍ତ୍ୱ ଓ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । ବିଲଙ୍କା ରାମାୟଣରେ କାଶୀ ବାରଣାସୀ ତୀର୍ଥର ସୂଚନା ଦିଆଯାଇଛି । ବିବିଧ ଜାତିର ତପସ୍ୟା, ହୋମର ବର୍ଣ୍ଣନା ଦିଆଯାଇଛି । ମନ୍ତ୍ର ଓ ଜପ ପ୍ରସଙ୍ଗ ଉଲ୍ଲେଖ କରାଯାଇଛି କେତେକ ପୁରାଣକାର କହିଛନ୍ତି ବହୁ ଯୁଦ୍ଧ ଓ ଯୁଦ୍ଧଯାତ୍ରା ପ୍ରସଙ୍ଗରେ ଏହି କ୍ଷୁଦ୍ର ପୁରାଣଟିର କଳେବର ଭରିଯାଇଛି ।ବିଲଙ୍କା ରାମାୟଣର ଏହି ସଂକ୍ଷିପ୍ତ ଅନୁଶୀଳନରୁ ଲକ୍ଷ୍ୟ କରାଯାଏ ଯେ ପଞ୍ଚ ଲକ୍ଷଣ ଏଥିରେ ଉପେକ୍ଷିତ । ବୈଦିକ ପରମ୍ପରାକୁ ସ୍ୱୀକାର କରାଯାଇଛି । ବୈଷ୍ଣବ ଓ ଶାକ୍ତ ସଂପ୍ରଦାୟର ମହତ୍ତ୍ୱ ପ୍ରକଟନ କରାଯାଇଛି । ଏ ପୁରାଣ ପାଠକଲେ ପୁତ୍ର ଓ ଚତୁଃବର୍ଗ ପ୍ରାପ୍ତ ହୁଏ ବୋଲି ପୁରାଣକାର କହିଛନ୍ତି । ପୁରାଣର ମୌଳିକ ପଞ୍ଚଲକ୍ଷଣ ତ୍ୟାଗ କରି ଏହି ପୁରାଣଟି ଲେଖାଯାଇଛି । ମୋଟାମୋଟି ଭାବେ ଚଣ୍ଡୀପୁରାଣ ପରି ବଲଙ୍କା ରାମାୟଣ ସଂସ୍କୃତ ପୁରାଣର ସଂପୂର୍ଣ୍ଣ ଅନୁସରଣ କରିନାହିଁ ।

ଶିଖରପୁର ଉପରସାହି, କଟକ,
ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯




# ଆହାତ କପୋତୀ


ଉମାଶଙ୍କର ପ୍ରସାଦ

କେଉଁ ଏକ ଅଜଣା ଭୟରେ ଥରି ଉଠୁଥିଲା ସାବିର ଦେହ ଓ ମନ। ସତେ ଯେମିତି ମାଘମାସ ପାହାନ୍ତି ପହରର ବରଫ ମିଶା ପବନ ଦେହକୁ ତାର ଥରାଇ ଦେଉଛି। ସମୁଦ୍ରର ବେଳାଭୂମିରେ ବସି କଇଁ କଇଁ ହୋଇ କାନ୍ଦୁଛି ସାବୀ। ଏପରି କାନ୍ଦି କାନ୍ଦି ଆଖି ଦିଟା ବରକୋଳି ପରି ଫୁଲିଗଲାଣି। ଯଦି ତାର ଏଇ ଆଖି ଦୁଇଟି ଫୁଟି ଯାଇଥାନ୍ତା ତେବେ ସେ ଏ ପାପୀ ଦୁନିଆଁର ସୁଖ ଦୁଃଖ କୁ ଦେଖୀପାରନ୍ତାନି। ଏ ନିରନ୍ନ କାଙ୍ଗାଳ ଜୀବନଯାପନ କରି ନିତିଦିନ ମରିବା ଅପେକ୍ଷା ଦିନେ ଯଦି ମରିଯାନ୍ତା ,ତେବେ ଖୁବ ଭଲହୁଅନ୍ତା। ଜୀବନ ମରଣ ତ ବିଧି ନିର୍ଦ୍ଧାରିତ ବୋଲି ଭୁଲି ଯାଇଥାଏ ସାବୀ। ଏପରି ଭାବନା ରାଜ୍ୟରେ ନିମଗ୍ନ ଥିବା ବେଳେ ରୁନିର ମା' ଡାକ ତାକୁ ତାର ଭାବନା ରାଜ୍ୟରୁ ଫେରାଇ ଆଣିଥାଏ। ରାମର ଦରୋଟି ହସ ତା କୁ ମରିବାକୁ ଦିଏନା। ତେବେ ସେ କରିବ କ'ଣ ?! କେତେଦିନ ଆଉ ପରଦୁଆରେ ଖଟି ତାର ଦି ଦିଟା ଛୁଆଙ୍କ ମୁହଁରେ ଆହାର ଦେବ ?। ଦିନକର ପାଇଟି ସାରି ପିଲାମାନଙ୍କ ପାଇଁ ଆହାର ଯୋଗାଡକରି ଟିକେ ସମୟ ପାଇଲେ ସେ ଧାଇଁ ଆସେ ସେ ସମୁଦ୍ରର ବେଳାଭୂମି ଉପରକୁ। ପିଲା ଦୁଇଟି ବାଲିଘର କରି ଛୋଟ ଛୋଟ କଙ୍କଡା ପଛରେ ଧାଇଁ ଖେଳନ୍ତି। ମାତ୍ର ସାବୀ ଚାହିଁଥାଏ ସେହି ନୀଳ ସମୁଦ୍ରର ବିସ୍ତିର୍ଣ୍ଣ ସେହି ଜଳରାଶିକୁ। ଆଖିରୁ ତାର ଝରି ଚାଲିଥାଏ କେଇବୁନ୍ଦା ଲୁଣ ପାଣି। ମଝିରେ ମଝିରେ ପାଂଚ ବର୍ଷର ଝିଅ ରୁନି ସମୁଦ୍ରର ନୀଳରାଶୀ ସହ ଏକାକାର ହୋଇଥିବା ଡଙ୍ଗା ଆଡକୁ ଚାହିଁ, ବାପା ବାପା ବୋଲି ଡାକ ଛାଡୁଥାଏ। ତା ଡାକରେ ଦେଢବର୍ଷର ପୁଅ ରାମୁ ମଧନିଜ ଭଉଣୀ ସହ ସ୍ୱର ମିଶାଇ ବାପା ବୋଲି ଖନେଇ ଖନେଇ ଡାକିଥାଏ ଯାହାକୁ ନିର୍ନିମେଷ ନୟନରେ ଚାହିଁ ରହିଥାଏ ସାବୀ। ଦୁଇ ପିଲାଙ୍କ ନିଜ ବାପା କୁ ଏପରି ଡାକିବାର ଦେଖି ନିଜ କୋଳକୁ ପିଲାଦିଟାକୁ ଟାଣିନେଇ ଅସରାଏ କାନ୍ଦିଉଠେ ସାବୀ। ସମସ୍ତିଙ୍କ ବାପା ମୁହଁ ସଞ୍ଜକୁ ଫେରିଆସନ୍ତି ମାତ୍ର ରୁନିର ବାପା କାହିଁକି ଫେରୁନି। ମା କୁ ତାର ଅନେକ ସମୟରେ ପ୍ରଶ୍ନ ପଚାରିଥାଏ ରୁନି। ଅନ୍ଧାର ରାତିରେ ଲୁହ ଛଳ ଛଳ ଆଖିରେ ମା ତାର କହିଉଠେ ତୋ ବାପା ସମୁଦ୍ରରୁ ଅନେକ ରାତିରେ ଫେରନ୍ତି ଆଉ ମୁହଁ ଅନ୍ଧାରୁ ପୁଣି ଡଙ୍ଗା ନେଇ ମାଛ ଧରିବା ପାଇଁ ଚାଲିଯାନ୍ତି। ତୁ ଶୋଇଥିବା ଯୋଗୁ ତୋ ସହିତ ଦେଖା ହୁଏନି।

ଦୁଇ ଦୁଇ ଟା କଅଁଳା ଛୁଆଙ୍କୁ ଧରି ସାବି ଯେ କି ଅବସ୍ଥାରେ ତାର ଦୁଃଖର ସଂସାରକୁ ଆଗେଇ ନେଉଥାଏ ତାହା କେବଳ ଅନୁଭବି କୁ ଜଣା। ବନୁ ସାବୀର ସ୍ୱାମୀ ଦେଖିବାକୁ ସାବୀଠୁ ଦେଢ ହାତ ଉଚ୍ଚା, ବଳିଲା ବଳିଲା ଅବୟବ। ସାବୀକୁ ସେ ଭାରି ଭଲପାଏ। ବେଳେ ବେଳେ ସାଙ୍ଗମାନଙ୍କ ଆଗରେ ହୁଲି ଡଙ୍ଗା ଉପରେ ସାବିର କଥା ଗାଇ ବସେ। ଖୁସୀରେ ମନ ତାର ନାଚି ଉଠେ। ସତେ ଯେମିତି ସାବୀ ତାର ଘରର ଲକ୍ଷ୍ମୀ ପରି। ମନୁର ମନଲାଖି ସେବା ଯତ୍ନ ରଖିଥାଏ ସାବୀ। ଆଜି କିନ୍ତୁ ତାର ଅନୁପସ୍ଥିତି ସାବି ମନକୁ ଭାଙ୍ଗି ଦେଇଛି। ଖରା ମଟାଳିଲେ ଡଙ୍ଗାରେ ଧରିଥିବା ମାଛକୁ ନେଇ ଫେରିଆସିଥାଏ କୂଳକୁ ଚାହିଁ ବସିଥାଏ ସାବି ପଖାଳ ଭାତ ପିଆଜ ଓ ସୁଖୁଆ ପୋଡାକୁ ଧରି। ସେ ପିଲାମାନଙ୍କୁ କୋଳକୁ ଟାଣିନେଇ ଟିକେ ବୋକ ଦେଇ ନିଜେ ଖାଇବା ସହ ପିଲାମାନଙ୍କୁ ମଧ ଖୁଆଇ ଥାଏ। ଏକା ପଲକରେ ଚାହିଁ ଥାଏ ସାବି। ତାପରେ ସାଇ ମଝିକୁ ଯାଇ ସାଙ୍ଗ ମାନଙ୍କ ସହ ଖୁସୀ ଗପ କରି ଘରକୁ ଫେରେ। ଘର ଚିନ୍ତା ତାର ନଥାଏ। ସାବି ତାର ସବୁ ହିସାବ କିତାବ ରଖେ। ସାବି ଭାବେ ସତରେ ତା ଠାରୁ ଆଉ ସୁଖୀ ସଂସାରରେ କେହି ନାହିଁ। ସେଦିନ ରାତି ଘଡିଏ ଥାଉ ଥାଉ ବନୁ ବାହାରି ପଡିଛି ତାର ଡଙ୍ଗା ଓ ଜାଲଧରି ଝିଅ ରୁନି ଆଉ ପୁଅ ରାମୁ କୁ ଶୋଇବା ଅବସ୍ଥାରେ ବୋକଦେଇ। ଡଙ୍ଗା ମେଲି ଦେଇଛି ସମୁଦ୍ରର ଅତଳ ଗର୍ଭରେ ନିଜ ନିତି ଦିନିଆଁ ସାଥୀ ମାନଙ୍କ ସହିତ। ସେ ଦିନବି ସାବୀ ଗରମ ଭାତ, ତାମ୍ପଡା ସୁଖୁଆ ଭଜା ଆଉ ବନୁର ମନଲାଗି ବଡିଚୁରା ନେଇ ସମୁଦ୍ରର ବେଳାଭୂମି ଉପରେ ଦୁଇ ପିଲାଙ୍କୁ ନେଇ ଅପେକ୍ଷା ରତ, ମାତ୍ର ବନୁର ସବୁ ନିତି ଦିନିଆ ମାଛଧରା ସାଙ୍ଗ ମାନେ ଯେ ଯାହାର ଡଙ୍ଗା ନେଇ ସୁରୁଜ ନଇଁଲା ବେଳକୁ ଫେରିଲେ ମାତ୍ର ବନୁ ଫେରି ନଥିଲା ! ଅତି ଆଶ୍ଚର୍ଯ୍ୟ ର ସହ ସାବି ବନୁର ସବୁ ସାଙ୍ଗଙ୍କୁ ପଚାରିଥିଲା ବନୁ ବିଷୟରେ। ମାତ୍ର ସମସ୍ତେ ଗୋଟିଏ ଉତର ଦେଇଥିଲେ ବନୁ ଆମଠୁ ଅଲଗା ହୋଇ ସମୁଦ୍ରର ଆର ପାରିକୁ ଯାଇଛି ବଡ ମାଛ ଉଦ୍ଦେଶ୍ୟରେ। ଧିରେ ଧିରେ ରଜନୀ ରାଣୀ କଳା ଓଢଣୀ ପିନ୍ଧି ବାହାରିଲେ ଆକାଶରେ ଚାନ୍ଦ ଉଦୟ ହେଲେ, ମାତ୍ର ସାବିର ହୃଦୟ ଆକାଶରେ ଅନ୍ଧକାର ସମ୍ରାଜ୍ୟ ବିସ୍ତାର କରିସାରିଥିଲା। ପିଲାଦିଟା ବାପା ବାପା ବୋଲି ଚିତ୍କାର କରୁଥିଲେ। ନିଜ କୋହକୁ ହୃଦୟରେ ଜାବୁଡି ଧରି ପିଲାଙ୍କୁ ସାନ୍ତ୍ୱନା ଦେଉଥାଏ ସାବି। ବନୁର ଆସିବା ବାଟକୁ ଚାହିଁ ବସିଥାଏ ସାବି। ଏ ଭିତରେ ପିଲା ଦିଟା କାନ୍ଦି କାନ୍ଦି ଶୋଇଗଲେଣି। ସାବି ଭାବୁଥାଏ ବନୁ ବିନା ସେ କିପରି ତାର ଦିନ କାଟିବ ? କାହାର ଛାତିରେ ମୁହଁମାଡି କଷ୍ଟା ଖଣ୍ଡେ ପାଇଁ ଅଳି କରିବ ? ତାର ସବୁ ସ୍ୱପ୍ନ ଆଜି ଧୂଳି ସାତ ହୋଇଛି। ଏଇ ଭାବନା ରାଜ୍ୟରେ ଥିବା ବେଳେ ସୁରୁଜ ଦେବତା ତାଙ୍କ ନାଲି କିରଣ ବିସ୍ତାର କରିଛନ୍ତି, ସାବି ପିଲା ଦିଟାକୁ ନେଇ ନିରାସରେ ଘରକୁ ଫେରିଛ, ପୁଣି ସଜ ପଖାଳ କରି ସାଗ ଭଜା ସହ ଆମ୍ବୁଲ ଖଟା ନେଇ ପିଲା ଦି ଟାକୁ ନେଇ ସମୁଦ୍ରର ବେଳାଭୂମି ଉପରେ ଚାହିଁ ବସିଛି ବନୁର ଫେରିବା ବାଟକୁ ! ଦିନ ଗଡି ସଂଧ୍ୟା ହେବାକୁ ବସିଲାଣି, ହଠାତ ସାବି ଦେଖିବାକୁ ପାଇଲା ଗୋଟେ ଡଙ୍ଗା କୂଳ ଆଡକୁ ଆସୁଛି, ସେ ଡଙ୍ଗାରେ ଅଛି ତାର ସମୁଦ୍ର ଆର ପାରିରେ ରହୁଥିବା ଭାଇ ଘନିଆ, ନଥ କରି ବସିପଡି କାନ୍ଦି କାନ୍ଦି କହିଲା ସାବିଲୋ ବନୁ ଆମ ସମସ୍ତ ଙ୍କୁ ଧୋକାଦେଇ ଆରପାରିକୁ ଚାଲି ଯାଇଛି ଯେଉଁଠୁ ସେ ଆଉ କେଭେ ହେଲେ ଫେରିଆସିବନି କାରଣ ସେ ଯାଗାଟା କୁଆଡେ ଅଣ ଲେଉଟା ବନୁର ସାଙ୍ଗମାନେ ଡଙ୍ଗା ଭିତର ବନୁର ଶବକୁ ବାହାରକୁ ବାହାର କଲେ , ବନୁର ଶବକୁ ଧରି ଚେତା ହରାଇଲା ସାବି ବନୁର ଭାଇ ଆଉ ରୁଣ୍ଡ ହୋଇଥିବା ତାର ସାଥିମାନେ ସାବିକୁ ଚେତା ଆଣିଥିଲେ ମଧ ଥରକୁ ଥର ଚେତାଶୁନ୍ୟ ହୋଇ ଯାଉଥାଏ ସାବି.....। ସମସ୍ତେ କହିଲେ ଏ ଭରା ଯୌବନ ନେଇ କିପରି ବଂଚିବ ସାବି ବନୁର ଏ ସନ୍ତକ ଦୁଇଟିକୁ ଧରି ! ମାତ୍ର ସାବି ପ୍ରତିଦିନ ପାଗଳିଙ୍କ ପରି ଖାଦ୍ୟ ନେଇ ବେଳାଭୂମିକୁ ଯାଏ ଆଉ ଅନାଇ ବସିଥାଏ ବିସ୍ତିର୍ଣ୍ଣ ନିଳ ଜଳରାଶିକୁ ଗୋଟିଏ ଆହାତ କପୋତୀ ପରି। ଭଉଣୀର ଏ ପରି ଅବସ୍ଥା ଦେଖି ଘନ ପିଲା ଦିଟାଙ୍କୁ ନେଇ ତା ଗାଁ କୁ ଚାଲିଗଲା। ଆହାତ କପୋତୀ ପରି ସାବି ସେଇ ବେଳାଭୂମି ପରେ ଅପେକ୍ଷା କରି ଥାଏ । ଏପରି କିଛିଦିନ ପରେ ବନୁର ସାଙ୍ଗମାନେ ଦେଖିଲେ ସାବୀ ବନୁକୁ ଝୁରି ଝରି ସେ ତାର ପ୍ରିୟତମ ବନୁପାଖକୁ ଚାଲି ଯାଇଛି ତାର ସକଳ ସ୍ମୃତିକୁ ନେଇ। କପୋତ କପୋତୀ ଦୁହେଁ ହଠାତ୍ ଉଡି ଆସି ବସି ପଡିଥିଲେ ସେଇ ବେଳାଭୂମି ଉପରେ !..........

*ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା*
*ମୋ:୬୩୭୦୬ ୭୫୫୬୨*

# ଅସ୍ତରାଗର ଦୃଶ୍ୟ


ସୁଦର୍ଶନ ମହାପାତ୍ର

ପୁଅର ମେଡିକାଲ ପାଠପଢା ଶେଷ ହେଲା ପରେ ବାପା ମା ଅଶ୍ୱସ୍ତ ହେଲେ ସିନା ବାପାମା ଙ୍କୁ ଦେଖା କରିବାକୁ ଆଉ ସମୟ ମିଳିଲାନି ପୁଅ ବିଭୁ ଙ୍କୁ । ଡାକ୍ତର ବିଭୁ ପ୍ରସାଦ ମିଶ୍ର, ନ୍ୟୁରୋ ମେଡିସିନ ଡାକ୍ତର ହିସାବରେ ଏବେ ଖୁବ୍ ନା ଡାକ। ଦିଲ୍ଲୀ ଏମ୍ସ ରେ କାର୍ଯ୍ୟରତ। ପ୍ରଚୁର ପଇସା ରୋଜଗାର। ଘରକୁ ଆସିବାକୁ ଆଉ ଫୁରସତ କାହିଁ ? ପ୍ରଥମେ ପ୍ରଥମେ ଫୋନରେ ଟିକେ କଥା ହେଉଥିଲେ ସେ। ସେସବୁ ବି ଧିରେ ଧିରେ ବନ୍ଦ ହୋଇଗଲାଣି। ସେ ଆଉ ଆବଶ୍ୟକତା କରୁନାହାନ୍ତି ମା' ର ସ୍ନେହ ମମତାକୁ ଏବଂ ବୁଝିବାକୁ ଚାହୁଁ ନାହାନ୍ତି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବାପା ସୁଧାକର ମିଶ୍ରଙ୍କ ଆବେଗ କୁ । ଏମିତିକି ' ମୋ ପାଖକୁ ନହେଲେ ନାହିଁ, ତୋ ମା ପାଖକୁ କେତେବେଳେ କେମିତି ଟିକିଏ ଫୋନ୍ କରୁଥିବୁ' ର ଆକୁଳ ମିନତିକୁ ହେୟଜ୍ଞାନ କରି ସାରିଥିଲେ ସ୍ୱନାମଧନ୍ୟ ଡାକ୍ତର ବିଭୁ ପ୍ରସାଦ।

ଆହୁରି ପ୍ରତିଷ୍ଠିତ ଏବଂ ରୋଜଗାର ନିଶାରେ ନିଜ ଦେଶ ଛାଡି ହଠାତ୍ ଆମେରିକା ଚାଲିଗଲେ ବିଦ୍ୱାନ ଡାକ୍ତର ବିଭୁ ପ୍ରସାଦ। ପଛରେ ରହିଗଲେ ଏକମାତ୍ର ପୁଅ କୁ ମଣିଷ କରି ଗଢିବାକୁ ଦିନେ ସ୍ୱପ୍ନ ଦେଖିଥିବା ସଂକଳ୍ପବଦ୍ଧ ବାପା ମା। ଅଭାବ ଅନାଟନ ଭିତରେ ସେମାନଙ୍କର ସ୍ୱପ୍ନ ତ ସାକାର ହେଲା, ହେଲେ ଏକୋଇର ବଳା ବିଶିକେଶନ ହାତ ଛଡା ହୋଇଗଲା ସେମାନଙ୍କୁ ଅବଜ୍ଞା କରି। କିଛି ଦିନ ପରେ ସେଇଠି ହିଁ ଜଣେ ବିଦେଶିନୀ ଙ୍କୁ ବିବାହ କରିଛନ୍ତି ବୋଲି ଖବର ପଠାଇ ଦେଲେ ବାପା ମା ଙ୍କୁ ।

ପୁଅ ବିଷୟରେ ଚିନ୍ତା କରି ଆପାତତଃ ଚୁପଚାପ୍ ର ?ହୁଥିବା ସୁନୀତି ଦେବୀ ଯେ ଧିରେ ଧିରେ ଅନ୍ୟମନସ୍କ ହୋଇ ଯାଉଛନ୍ତି ଅନୁଭବ କଲେ ସୁଧାକର ବାବୁ। କେବଳ ପୁଅ କଥା ଛାଡି ଆଉ ସବୁ କଥା ଯେମିତି ଭୁଲି ଆସୁଥିଲେ ସୁନୀତି ଦେବୀ। ଅସହାୟ ହୋଇ ପଡୁଥିଲେ ସୁଧାକର ବାବୁ। ଡାକ୍ତରଙ୍କ ପରାମର୍ଶ ପରେ ମା' ବ୍ରେନ୍ ଟ୍ୟୁମର ରେ ଆକ୍ରାନ୍ତ ହୋଇଛନ୍ତି ବୋଲି ପୁଅକୁ ଖବର ଜଣାଇଲେ ସୁଧାକର ବାବୁ। ହେଲେ ଜରୁରୀ କାମର ଆଳ ଦେଖାଇ ଏବେ ଯିବା ଆଗି ସମ୍ଭବ ନୁହେଁ ବୋଲି କୈଫତ ଦେଲେ ବିଭୁ। ଜଣେ ଡାକ୍ତର ବନ୍ଧୁ ଙ୍କ ଠିକଣା ଦେଇ ପରାମର୍ଶ ନେବାକୁ ବାପାଙ୍କୁ ବୁଝାଇ ଦେଲେ । ଅବଶ୍ୟ ନିହାତି କର୍ତ୍ତବ୍ୟ ମନେ କରି ଟଙ୍କା ପଠାଇବାକୁ ଭୁଲି ନଥିଲେ। ହେଲେ ଶ୍ରଦ୍ଧା ରହିତ କର୍ତ୍ତବ୍ୟ, ଯାତନା ସଦୃଶ ଅନୁଭବ ହୋଇଥିଲା ବାପା ମା ଙ୍କୁ। ସମର୍ପଣ ନଥିଲେ ଭକ୍ତି ତ ଛଳନା ମାତ୍ର। ତେଣୁ ସେଇ ଟଙ୍କାକୁ ସୁଧାକର ବାବୁ ଶେଷ ପର୍ଯ୍ୟନ୍ତ ସୁନୀତିଙ୍କ ଅନୁରୋଧରେ ଖର୍ଚ୍ଚ କରିବାକୁ ଇଛା କରି ନଥିଲେ ।

ଏକମାତ୍ର ପୁଅକୁ ଚାହିଁ ଚାହିଁ କ୍ୟାନ୍ସରରେ ପୀଡ଼ିତା ମା ଶେଷ ନିଃଶ୍ୱାସ ତ୍ୟାଗ କଲେ ପଛେ ପୁଅକୁ ଶେଷଥର ପାଇଁ ଦେଖିବାର ଅଭୀପ୍ସା ପୂରଣ ହୋଇ ପାରିନଥିଲା। ସୁଧାକର ବାବୁ ଏ ଖବର ପୁଅକୁ ଜଣାଇଥିଲେ ବାଧ ହୋଇ। ସମୟର ସ୍ୱଳ୍ପତା ଦୃଷ୍ଟିରୁ ମାତ୍ର ଚାରି ଦିନ ପାଇଁ ଏକା ଗାଆଁକୁ ଆସି ମା'ର ଶେଷକୃତ୍ୟ ସଂପାଦନ କରି ଡାକ୍ତର ବିଭୁ ଫେରି ଯାଇଥିଲେ ନିଜସ୍ୱ ଦୁନିଆକୁ। ଯେମିତି ଯନ୍ତ୍ର ମଣିଷଟିଏ। ନା ଥିଲା କିଛି ଆବେଗ, ନା ଥିଲା ଆଉ ସେ ଆତ୍ମୀୟତାପୂର୍ଣ୍ଣ ଭାବ...!!

ଦିନେ କଡ଼ ଲେଉଟେଇଲା ସମୟ। ବିଭୁ ଘରକୁ ଫେରିବାକୁ ଇଛା ପ୍ରକାଶ କଲେ ବହୁତ ଦିନ ପରେ। ଛାଡପତ୍ର ଦେଇ ବିଦେଶିନୀ ପତ୍ନୀ ଅନ୍ୟତ୍ର ବିବାହ କରିଯିବା ପରେ ସେ ବୋଧହୁଏ ବୁଝି ପାରିଲେ ସମ୍ପର୍କର ସଂଜ୍ଞା। ଶାଶ୍ୱତ ପବିତ୍ର ସମ୍ପର୍କ ବ୍ୟତିରେକ ଜୀବନ କାଟିବା ଯେ ନିରର୍ଥକ ହୃଦୟଙ୍ଗମ କରି ପାରିଲେ ବହୁତ ଡେରିରେ। ଏବେ ପଶ୍ଚାତପରେ ବିଗଳିତ ମନକୁ ଶାନ୍ତ କରିବା ପାଇଁ ଆମେରିକା ଠାରୁ ନିଜ ଜନ୍ମସ୍ଥାନକୁ ଶ୍ରେୟସ୍କର ମଣିଲେ ଡାକ୍ତର ବିଭୁ ପ୍ରସାଦ ମିଶ୍ର।

ଏତିକି ବେଳକୁ ମନେ ପଡିଲା ବାପାଙ୍କର କେଇ ପଦ କଥା।' ଧନ ପଛରେ ଧାଇଁ ସାରିବୁନି ଅମୂଲ୍ୟ ସମୟ। ଲୋଭରେ ବିକିବୁନି ସଂସ୍କାର। ସ୍ୱାର୍ଥରେ ଜଳେଇବୁନି ସଂସାର।ମୋହରେ ହଜେଇ ଦେବୁନି ମାନବିକତା। ଲାଳସାରେ ହରେଇବୁନି ସଂପର୍କ।' ହେଲେ ବାପାଙ୍କର ଏସବୁ ଉପଦେଶ ଅଣଦେଖା କରି ସବୁ ମୁଲ୍ୟବୋଧକୁ ଯେମିତି ଜଳାଞ୍ଜଳି ଦେଇ ସାରିଥିଲେ ବିଭୁ। ଇତି ମଧ୍ୟରେ ମାଟି କାନ୍ଥ ଥିବା ଘର ମଧ ଭୁଷୁଡି ପଡ଼ିଥିଲା ତାଙ୍କର।ବାପା ନଥିଲେ ସେଠି। କେହି ଜଣେ ବିଭୁଙ୍କୁ ବତାଇ ଦେଲେ ପତ୍ନୀଙ୍କ ମୃତ୍ୟୁ ପରେ ପୁଅ କଥା ଭାବି ଭାବି ଦୁଶ୍ଚିନ୍ତାରେ ତାଙ୍କର ମୁଣ୍ଡ ଖରାପ ହୋଇ ଯାଇଥିଲା। କ'ଣ ସବୁ ନିଜେ ନିଜେ ଗପନ୍ତି ସବୁବେଳେ । କେତେ ଦିନ ଆଗରୁ ସେ ହଠାତ୍ କେଉଁ ଆଡେ ଚାଲି ଯାଇଛନ୍ତି । ମୁଣ୍ଡରେ ଯେମିତି ଚଡ଼କ ପଡିଲା । ସବୁକୁ ଅଣଦେଖା କରି ଆଗେଇ ଯାଇଥିବା ବିଭୁ ଏବେ ଫେରିଛନ୍ତି ପୁଣି ଇପ୍ସିତ ସ୍ୱର୍ଗ ପାଖକୁ। ତାଙ୍କ ପାଦପଦ୍ମ ତଳେ ମଥା ନଇଁବାକୁ...! ହେଲେ ସେ ଯେ ନିରୁଦ୍ଦିଷ୍ଟ!!

ରାତି ପ୍ରାୟ ଦଶଟା ବେଳକୁ ସାର୍ ଙ୍କୁ ତାଙ୍କ ଭଙ୍ଗାଘର ଡିଅରେ ଖୋଜି ପାଇଛି ବୋଲି ବିଭୁଙ୍କୁ ଫୋନ୍ କରି ଜଣାଇଲା ତା'ର ପିଲାଦିନର ସାଙ୍ଗ ପବିତ୍ର। ବିଭୁ ତତକ୍ଷଣାତ୍ ପହଞ୍ଚିଲେ ଭଗ୍ନସ୍ତୁପରେ ପରିଣତ ହୋଇ ପଡିଥିବା ନିଜ ଭିଟାମାଟି ପାଖରେ । ମୁହଁ ମାଡି ପଡିଥିଲେ ବାପା।ପାଦରୁ ଚପଲ ପଟେ ଛିଣ୍ଡି ପଡିଥିଲା ଟିକିଏ ଦୂରରେ।ଝୁଣ୍ଟି ପଡିଥିଲେ କି ବାପା ! ଆହା କହି ବାପାଙ୍କ ମଥାକୁ ତୋଳି ଧରିଲା ତ ଦିଶିଲା ବାପାଙ୍କ ନାକରୁ ପାଟିରୁ ରକ୍ତ ଧାର ବୋହି ଯାଇଛି।ପବିତ୍ର ସାହାଯ୍ୟରେ ବିଭୁ ବାପାଙ୍କୁ ନେଇ ହସ୍ପିଟାଲରେ ତୁରନ୍ତ ଭର୍ତ୍ତି କରାଇଲେ।

ବାପାଙ୍କ କାନ୍ଧରେ ଥିବା ଝୁଲା ବ୍ୟାଗ୍ ଭିତରେ ଅନ୍ୟାନ୍ୟ କାଗଜପତ୍ର ସହିତ ସୁରକ୍ଷିତ ଥିଲା ବିଭୁର ପିଲାଦିନର ଫଟୋ କେତୋଟି। ସେଥିରେ ବି ଥିଲା ବାପାଙ୍କ କାନ୍ଧରେ ହସ ହସ ମୁହଁରେ ବସିଥିବା ବିଭୁର ଫଟୋ।ପିଲାଦିନ କଥା ମନେ ପଡିଲା । ସେ ପାଞ୍ଚ ଛଅ ବର୍ଷର ହୋଇଥିବ ସେତେବେଳକୁ।ବହୁ ବ୍ରତ ମାନସିକ କରି ଇଶ୍ୱରଙ୍କ କୃପାରୁ ବିଭୁ କୁ ପାଇଥିଲେ ବୋଲି, ତାକୁ ନେଇ ଶିବ ଶଙ୍କରଙ୍କ ଦର୍ଶନ ପାଇଁ ବାପା ମା କପିଳାସ ଯାଉଥିଲେ। ସେ ପାହାଚ୍ ପରେ ପାହାଚ୍ ଚଢୁଥିଲା। ହେଲେ ଅଳ୍ପ କେଇଟା ପାହାଚ୍ ପରେ ସେ ଝୁଣ୍ଟି ପଡିଥିଲା ବୋଲି ବାକି ତକ ପାହାଚ୍ ତାକୁ ଆଉ ଚଢ଼ିବାକୁ ଛାଡି ନଥିଲେ ବାପା ମା ।ତା'ପରଠୁ ସେ କେତେବେଳେ ଥିଲା ମା କାଖରେ ତ କେତେବେଳେ ବାପାଙ୍କ କାନ୍ଧରେ। ଦୁଃଖରେ ମ୍ରିୟମାଣ ବିଭୁ ନିଜକୁ ଶତ ଧିକ୍କାର କରୁଥିଲେ ।

ବିଭୁଙ୍କର ମନେ ପଡିଲା ବାପାଙ୍କର ଗୋଟିଏ ଅମୂଲ୍ୟ କଥା । ' ତୋ ହାତ ମୁଠାରେ ସ୍ୱର୍ଗ,ତୁ ଅନୁଭବ କରି ପାରିଲେ ହେଲା।' ହେଲେ ଆଜି ସେ ହାତ ବଢେଇ ସ୍ୱର୍ଗ ଛୁଇଁବାକୁ ମନସ୍ଥ କଲାବେଳକୁ ସେଇ ସ୍ୱର୍ଗ ଆଜି ତା' ଠାରୁ ଅପହଞ୍ଚ ରହି ଯିବେନି ତ..!! ବିଭୁଙ୍କ ଆଖିରେ ଥିଲା ଅଶ୍ରୁର ପ୍ଲାବନ..?!!

ବନ୍ଧୁ ପବିତ୍ର ର ଡାକରେ ସମ୍ବିତ ଫେରି ପାଇଲେ ବିଭୁ। ବାପାଙ୍କର ହୋସ ଆସିଲାଣି ବୋଲି ଖବର ପାଇ ଇଶ୍ୱର ଙ୍କୁ ସ୍ମରଣ କରି କରି ଆଇ. ସି. ୟୁ ଆଡକୁ ଅଗ୍ରସର ହେଲେ ବିଭୁ। ବାପାଙ୍କ ପାଦକୁ ଆସ୍ତେ ଛୁଇଁଲେ ସେ। ବାପାଙ୍କ ଆଖି ଖୋଲୁ ଖୋଲୁ ମୁହଁରେ ଉକୁଟି ଉଠିଲା ହସ ଧାରେ ତ ଅନୁତପ୍ତ ଦଗ୍ଧ ପୁଅ ଆଖିରୁ ଖସି ପଡୁଥିଲା ଧାର ଧାର ହୋଇ ଆନନ୍ଦାଶ୍ରୁ...!!!!!

*କୁଞ୍ଜବିହାରୀ ଲେନ, କଟକ*
*ମୋ:୯୪୩୮ ୧୭୫୫୪୨*

## ମଙ୍ଗଳ ସୂତ୍ର

*ସୁଧାକର ରାଉତ*



ତୁମ ସଙ୍ଗେ ସଦା ଚାଲିବାକୁ ବାଟ
ଡେଇଁଲି ଏରୁଣ୍ଡି ବନ୍ଧ
ହେଲେ ବାଟବଣା ହେବାରୁ ଏବେ ମୁଁ
ଭାବୁଛି କରମ ମନ୍ଦ ।
ନିଜ ପଥ ନିଜେ ଖୋଜିବା ପାଇଁକି
ନାହିଁ ସେ ପୂର୍ବର ନିଶା
ତୁମ ହଁ ସଙ୍ଗେ ହଁ ଭରିବାକୁ
କର ନାହିଁ ତୁମେ ଆଶା ।
ଚିରଦିନ ଆଉ ଚିର କାଳ ଦୁହେଁ
ଗୋଟିଏ ଦୃଢ଼ ବନ୍ଧନେ
ସିନ୍ଦୂର ବିନ୍ଦୁ ମୋ ମଥାରେ ଲଗାଇ
ବାନ୍ଧିଲ ଶୁଭ ଲଗନେ ।
ତା'ର ଉଜ୍ଜ୍ୱଳତା ବଜାୟ ରଖିବା
ପାଇଁ ଅପଚେଷ୍ଟା ମୋର
କେଜାଣି କାହିଁକି ଅବାଞ୍ଛିତ ଲାଗେ
ଆସି ଦୁଃସମୟ ଘୋର ।
କେତେ ଅବା ମଳା କଙ୍କଡାଟି ପରି
ପିଇବି ବିଷ ପୀୟୂଷ
ହସିବା କାନ୍ଦିବା ଲୁଚକାଳି ଖେଳେ
ହଜିଯାଏ ମୋ ବିଶ୍ୱାସ ।
ଇଚ୍ଛା ହୁଏ କସ୍ତୁରୀ ମୃଗ ପରାୟେ
ନାଭି ଖୋଜନ୍ତି ସକାଳେ
ଏକାକାର କରି ଦେହରତି ସୁଖ
ଧରି ଅତୀତ ବିକଳେ ।
ବାଲିଖେଳ, ଶାମୁକା ସାଉଁଟା ଆଉ
ଅଗଣାରୁ ଫୁଲ ତୋଳି
ଭୁଲିଯାନ୍ତି ମଙ୍ଗଳ ସୂତ୍ର ଦଂଶନ
ରହିଛି ଯେ ଫଣା ତୋଳି ।
ଆଖି ବୁଜି ଦେଇ ଅନ୍ଧାର ଦେଖିବା
କିଏ ବା କରିବ ମନା
ସୂର୍ଯ୍ୟ ବୁଡିଗଲେ ଅନ୍ଧାର ଆସିବ
ବୁଲିଯିବ କଳାକନା ।

*ପ୍ରତାପ ନଗରୀ,କଟକ*
*ମୋ :୮୨୪୯୯୩୨୭୯୨*

## ମନ ବଗିଚାରେ

*କବିରତ୍ନ ନୂତନ କୁମାର ବେହେରା*



ମନ ବଗିଚାରେ ପ୍ରେମ ଯେବେ
ଫୁଲ ହୋଇ ଫୁଟେ,
ମହକ ତାର ହୃଦୟ ଛୁଇଁ
ମଧୁ ଓଠେ ହସ ରଙ୍ଗ ଭରି ଚହଟେ।
ପଲକେ ପୁଲକେ ଆଖିରେ ସପନ
ଆଶାର ଜୁଆରେ ନାଚେ ଏ ଜୀବନ।
ସାଥୀଟିଏ ସାଥୀ ତାର ଖୋଜି
ନିଜ ଭିତରେ ନିଜେ ଯାଏ ହଜି।
ଆକାଶର ଜହ୍ନ ତାରାରେ
ଜହ୍ନି ଫୁଲର ହଳଦୀ ରଙ୍ଗରେ
ପ୍ରିୟ ତାର ପ୍ରିୟାକୁ ଦେଖେ,
ବାଦଲର ଫର୍ଦ୍ଦ ଫର୍ଦ୍ଦ କାଗଜରେ
ବିଜୁଳିର ଝିଲ୍ ମିଲ୍ ଆଲୁଅରେ
ଜୀବନ ସାଥୀର କାହାଣୀ ଲେଖେ।
ନିସ୍ତବ୍ଧ ରାତିର ଅମା ଅନ୍ଧାରରେ
ଜାଳି ଦେଇ ଜାଗର ଦୀପଟିଏ
କେତେ କ'ଣ ଶୁଭ ମନାସେ,
ଭିଜା ମାଟିର କୋମଳତାକୁ ପରଖି
ବାଲିଘରର ସ୍ୱର୍ଗଟିଏ ରଚେ,
ଆଗାମୀ କାଲିର ସମ୍ଭାବନାକୁ
ସ୍ୱାଗତ କରି ଶୂନ୍ୟତାରୁ ପୂର୍ଣ୍ଣତା
ପାଇବାକୁ ଆବେଗତାରେ ବଞ୍ଚେ ?।
ମନ ବଗିଚାର ଚାରା ଗଛଲତାରେ
ଅସୁମାରୀ ଫୁଲର କଳିକା,
ଏକ ସମ୍ପ ?ହିତ ଚାହାଁଣିର ଠାଣି ନେଇ
ପ୍ରତୀକ୍ଷାରେ ରହିଥାଏ ଏକା ଏକା।
ଭାବର ଭାବନାରେ ଭାସି ଭସାଏ
ଭରସାର ଭେଳାଟିଏ,
ଭବ ସାଗରର କୂଳେ ପହଞ୍ଚିବାକୁ
ପାଶେ ରଖି ବିଶ୍ୱାସର କାତ ବାଡିଟିଏ।

*ବାରିପଦା,ମୟୂରଭଞ୍ଜ*
*ମୋ.ନଂ.୮୦୧୮୩୫୩୩୨୨*

## ଅହଂକାର

*ଲୋକନାଥ ମହାପାତ୍ର*

ମଣିଷ ଭାଇ ରେ ମଣିଷ ଭାଇ
ଅହଂକାର କେବେ କରିବୁ ନାହିଁ
ମନରେ ରୁଲେ ଅହଂକାର
ପାଇବୁ ନାହିଁ ତୁ କାହା ଆଦର
ଟୋପାଏ ଲେମ୍ବୁ ରସ ଯେମନ୍ତ
ନଷ୍ଟ କରିପାରେ ୀର ସମୁଦ୍ର
ଥିଲେ ଥାଉ ପଛେ ଗୁଣ ହଜାର
ଅହଂକାର ଥିଲେ ସବୁ ଅସାର
ନମ୍ରତା ମନୁଷ୍ୟର ଶ୍ରେଷ୍ଠ ଭୂଷଣ
ଅହଂକାର ସବୁଠୁ ବଡ଼ ଦୁର୍ଗୁଣ
ଗର୍ବ କେବେହେଁ ନ କରିବୁ
ସର୍ବଦା ନମ୍ରତା ଆଚରିବୁ
ଯା ମନେ ଅହଂକାର ନାହିଁ
ସାଧୁରେ ଗଣା ଅଟେ ସେହି ।

*ବ୍ରହ୍ମପୁର*

## ଟିକି ଚଢ଼େଇ

*ଧ୍ରୁବ ଚରଣ ବେହେରା*



ଟିକି ଚଢ଼େଇରେ ଟିକି ଚଢ଼େଇ
ଡେଣା ଝାଡି ଝାଡି ଉଡୁଛୁ କାହିଁ ॥
ପାଇନୁ କି ତୁହି ଆଜି ଆହାର
ଆ ମୋ ପାଖକୁ ଦେବିରେ ନୀର ॥
ହରଷେ ପିଇବୁ ଅଣ୍ଟରେ ଟାଣି
ଭାରି ଶୀତଳ ସେ ଝରଣା ପାଣି ॥
ଖୁଦ ମରୁକ ମୁଁ ଦେବି ବିଛାଇ
ଆନନ୍ଦେ ଖାଇବୁ ମୁଣ୍ଡ ହଲାଇ ॥
ବାପାଙ୍କୁ କହିକି ଦେବି ଖେଳନା
କହତୁ ମୋ ସାଙ୍ଗ ହେବୁକି ନାଁ ? ॥
କୁନୁ କଥା ଶୁଣି ଟିକି ଚଢ଼େଇ
କହିଲା ମୁଁ ପକ୍ଷୀ ଜାଣୁ କି ନାହିଁ ॥
ଆମ ଖୁସି ସଦା ପ୍ରକୃତି କୋଳେ
ଖେଳି ବୁଲୁ ଥାଉ ଗଛର ଡାଳେ ॥
ସବୁଜ ସୁନ୍ଦର ବଣ ପାହାଡ
ସେହି ଆମ ସାଥି ପ୍ରକୃତ ନୀଡ ॥
ଆମ ଜାତି ଆଉ ଆମ ଦୁନିଆଁ
ଆକାଶ କୋଳରେ ସଦା ସେ ନୂଆ ॥
ସାଙ୍ଗ ହେବି ତୋର ଦୂରରେ ଥାଇ
କେବେ ଦେଖି ଖୁସି ହେବୁରେ ଭାଇ ॥
ଟିକି ମନର ମୋ ଟିକି ବାରତା
କହିଲି କୁନାରେ ମାନ ମୋ କଥା ॥

*ଭାରତୀୟ ସାମରିକ ଶୋଭା ।*
*ଅଠରବାଟିଆ, ବାଲୁଗାଁ,ଖୋର୍ଦ୍ଧା*
*ମୋ:-୮୩୨୮୯୩୦୫୫୪*

## ଶଙ୍ଖର ଓଁକାର

*ଉମେଶ ଚନ୍ଦ୍ର ପାତ୍ର*



ଶୁଭୁଛି ଅନାହତ ନାଦ
ସଭ୍ୟତା ଓ ସଂସ୍କୃତିକୁ
ଧ୍ୱଂସ କରିବାର ଭୈରବ ଶବଦ ।
ଗୌରବାବହ ଅତୀତ
ପ୍ରକୃତିର ମଧୁର ସଂଗୀତ
ପକ୍ଷୀର କାକଳି
ପ୍ରସ୍ଫୁଟିତ କଳି
ତ୍ରସ୍ତ ଚକିତ ବିଭ୍ରାନ୍ତ ଶୂନ୍ୟ ଦିଗବଳୟ
ମସଜିଦ୍ ଶୂନ୍ୟ .... ଶୂନ୍ୟ ଦେବାଳୟ
ନୀରବୀ ଯାଉଥିବା ଈଶ୍ୱରଙ୍କ ନୈ୍ୟ
ଶୂନ୍ୟ ଆଶା
ଶୂନ୍ୟ ଅଦେଖା ସ୍ୱପନ
ଧ୍ୱଂସକାମୀ ଅହଙ୍କାରୀର ଚେତାବନୀ
ଗ୍ରାମଦେଶ ଧ୍ୱଂସ କରି ଗ୍ରାସିବ ଅବନୀ
ମୁରବୀ ବିହିନ ବିଶ୍ୱ ଧ୍ୱଂସର ଶତାବ୍ଦୀ
ତାଲିବାନ୍ ଚିତ୍କାର କମ୍ପାଏ ଚୌହଦି
ଭର୍ସାଇଲ୍ ଚୁକ୍ତି କିମ୍ବା ବର୍ଲିନ୍ ବଙ୍କର
ଶଙ୍ଖର କମ୍ପନ କରେ ଆଶା ଚୁରମାର
ଲେବାନନ୍ ଗଲୱାନ୍ ସିରିଆ ଆକାଶ
କିଭ୍ ଖାରକିଭ୍ ଧ୍ୱଂସ ସାଥେ ଅଟ୍ଟହାସ
ଶଙ୍ଖ ଶୁଭେ ଜଳସ୍ଥଳଆକାଶ କମ୍ପାଇ
କାଶ୍ମୀର ଉପତ୍ୟକା ତନ୍ତ୍ରୀ ଦୋହଲାଇ
କେତେ କେତେ ଶାନ୍ତି ଆଲୋଚନା
ଛଳନା କୁଟିଳ ହସ ସାଥେ ପ୍ରତାରଣା
ଅସହ୍ୟ ଜୀବନଯାତ୍ରା ମିଥ୍ୟା ପ୍ରତିଶ୍ରୁତି
ସର୍ବତ୍ର ଯୁଦ୍ଧ ଯାତନା ଘୂରିଯାଏ ମତି
ହେ ଈଶ୍ୱର ,
ଶଙ୍ଖ ଧ୍ୱଂସ କରେ ଶତାବ୍ଦୀର ସ୍ୱର
ଚୂର୍ଣ୍ଣ କରି ଗର୍ବ ସେ ବଳଶାଳୀର
ଭରିଦିଅ ଶାନ୍ତିର ଭାବନା
ବିଶ୍ୱ ଶୁଣୁ ଶଙ୍ଖର ମଧୁର ମୂର୍ଚ୍ଛନା
ଶତାବ୍ଦୀର ଜୟ ଜୟକାର
ପ୍ରତି କଣ୍ଠୁ ଝରିଯାଉ
ସୌହାର୍ଦ୍ଦ୍ୟ ଭାବପୂର୍ଣ୍ଣ ଶଙ୍ଖର ଓଁକାର ।

*ଛତିଆ , ଯାଜପୁର*

## ମଧୁଗୀତି

*ପ୍ରଶାନ୍ତ କୁମାର ନାଥ*



ଦିଅକି ନଦିଅ ମଧୁର ଚୁମ୍ବନ
ଗାଉଥାଆ ମଧୁ ଗୀତି
ଫୁଲେଇ ଫଗୁଣେ ମଳୟ ପବନେ
ଭରି ଦିଅ ମିଠା ପ୍ରିତି।
ହୃଦୟ ଆକାଶେ ଆଙ୍କି ଦିଅ ତୁମେ
ମିଠା ମିଠା ଜହ୍ନ ରାତି
ସେ ରାତି ବାସ୍ନାରେ ପାହି ଯାଉ ମୋର
ମନ ତଳ ମିଠା ତାତି।
ଅସୁମାରୀ ଫୁଲ ହୁଅନ୍ତି ସଜ୍‌ଜେଇ
ବସନ୍ତର ଆଗମନେ
ଧରଣୀ ବୁକୁରେ ଫୁଲର ସମ୍ଭାର
ଦିଶେ କେଡ଼ ଶୋଭା ବନେ।
ମନ ଫୁଲ ମୋର ମଉଳି ନଯାଉ
ହସୁଥାଆ ସବୁ ଦିନେ
ମୋର ଏ ହୃଦୟ ବନେ।
ତୁମ ଭାବରେ ଲେଖୁଥାଏ ମୁହିଁ
ଛନ୍ଦ ବେଛନ୍ଦର ଗୀତି
ହେଉବା ବସନ୍ତ ହେଉବା ଶ୍ରାବଣ
ରହିଥାଆ ହୋଇ ସ୍ମୃତି।

*ରାଜନଗର କେନ୍ଦ୍ରାପଡ଼ା।*

## ମାଟି ମନସ୍କ

*ରତ୍ନକାନ୍ତି ମିଶ୍ର*



ବର୍ଷକ ବାରମାସ
ପ୍ରତି କୋଠରୀରେ ତୁମର
ଫୁଲଦାନୀରେ ଶୋଭା ପାଉଥାନ୍ତି
ରଙ୍ଗ ବେରଙ୍ଗୀ ଫୁଲମାନେ
ତୁମ ସମ୍ଭ୍ରାନ୍ତପଣିଆ ର ଅବା
ତୁମ ସୌଖିନ ମିଜାଜର ନିଦର୍ଶନ
କୁହତ ଦେଖି
ଫୁଲରେ କେତୋଟି ପାଖୁଡା
ଦେଖିଚ କି ନିଜ ବଗିଚାକୁ
ଦେଖିଚ କି ସେଠି ମାଟି ମୁଠାଏ
ପଢିଛ କି କେବେ ମାଟି ଆମ୍ଳିପି !
ଶୁଣ, କେବେ ଥରେ ଯାଅ
ମାଟିକୁ ପରଖ
ଦେଖ , କ'ଣ ନାହିଁ ସେ ମାଟିରେ
ଚଷ ତମର ମାଟିକୁ
ପ୍ରସ୍ତୁତ କର ତାକୁ
ପୋତିଦିଅ ଚାରା
ଟିକେ ନିଘା ରଖ
ବାସ୍ ଦେଖିବ
ଛନ ଛନ ଶ୍ୟାମଳ ସମ୍ଭାର
କଢ ଧରୁଛି... ଫୁଲ ଫୁଟୁଛି...
ଏତେ ଆନମନା କାହିଁକି ଯେ !
ବାରିବାକୁ ଚେଷ୍ଟା କର ଏବେ
ମହମହ ବାସ୍ନାରେ କେମିତି
ତୁମ ପ୍ରାଣ ପୁଲକିତ....!!!!!

*ଆଳି, କେନ୍ଦ୍ରାପଡା*

## ତୁମେ

*ଆଦ୍ୟାଶା ମହାପାତ୍ର*



ସବୁ ଯନ୍ତ୍ରଣାରେ ଗୋଟିଏ ଉତ୍ତର
ତୁମ ମନଜିଣା ହସ
ଅନ୍ତହୀନ ସେଇ ଦିଦୃକ୍ଷାରେ ସ୍ଥିତ
ଅସୁମାରୀ ଅବସୋସ ॥
ତୁମେ ହିଁ ଆରମ୍ଭ ପ୍ରାନ୍ତ ବିନ୍ଦୁ ପୁଣି
ଜୀବନର ଉପଲକ୍ଷ
ଚାତକ ପରାଏ ପ୍ରତୀକ୍ଷିତ ସଦା
ଲଭିବାକୁ ତୁମ ସଖ୍ୟ ॥
ହୃଦୟ କନ୍ଦରେ ଚିନ୍ତା ଚେତନାରେ
ତୁମେ ପ୍ରଜ୍ଞାମୟ ଦୀପ୍ତି
ମୁଗ୍ଧ ଅନୁଭବ ଖେଳେ ବୁକୁତଳେ
ମନରେ ଜାଗଇ ଶାନ୍ତି ॥
ତୁମରି କରୁଣା ମହକ ଦୟଣା
ଆହେ ନିର୍ବିକଳ୍ପ ରୂପ
ଅସ୍ତବ୍ୟସ୍ତ ଏଇ ଜୀବନରେ ମୋର
ସତେ ଚନ୍ଦନ ପ୍ରଲେପ ॥
ପ୍ରତି ଆକାଂକ୍ଷାର ପରିପୂର୍ଣ୍ଣତାରେ
ତୁମରି ଆଶିଷ ଧାରା
ସମର୍ପିତ ଭାବ ତନ୍ମୟ ତୀର୍ଥରେ
ଉଦ୍ଭାସିତ ସସାଗରା ॥
ସ୍ୱପ୍ନ ସଂକଳ୍ପିତ ଅମୃତ ଆସ୍ୱାଦ
ଅନୁଭବେ ଝଲମଲ
କପାଳ ପୃଷ୍ଠାରେ ତୁମରି ସ୍ୱାକ୍ଷର
ଜୀବନର ଶ୍ରେଷ୍ଠ ମୂଲ୍ୟ ॥
ତୁମେ ନିରବଧି ନବୀନ ଉନ୍ମେଷ
ଜୀଇଁବାର ପରିଭାଷା
ଅନ୍ତରେ ଉଦ୍ରେକ ସ୍ନିଗଧ ଶିହରଣ
ଜାଗରିତ ଜିଜୀବିଷା ॥

*କୁଞ୍ଜବିହାରୀ ଲେନ, କଟକ*

## ନ କୁହ ମତେ କଳା

*ସୁନୀଲ କୁମାର ପ୍ରଧାନ*



ଦେହଟା ମୋହର କଳା ବୋଲି କେବେ
କରିନାହିଁ ମନ ଦୁଃଖ
ସୁରୁଜ ଉଦୟ ନ ହେବା ଆଗରୁ
ରାବ ଦିଏ ମୁହିଁ ଆଗ ।
ଡାକ ମୋର ସିନା ଅଟେ ଅସୁନ୍ଦର
ଖାଉଥାଏ ମଳ ଖଙ୍କାର
ପରିବେଶ ସଫା କରିବା ପାଇଁ
ନିୟୋଜିତ ମୋର ଶରୀର ।
କାକା ଡାକ ଛାଡ଼ିଲେ ମୁହିଁ
ପିଲାଏ ଉଠନ୍ତି ସହଳ ଭାଇ
କର୍ମରେ କେବେ ନକରି ହେଳା
ଦେହଟି ମୋହର ଅଟଇ କଳା ।
କୋଇଲି ଠାରେ ମୁଁ ପଡିଛି ବନ୍ଧା
ଡିମ୍ବକୁ ତାର ମୁଁ ପାଳଇ ଏକା
ଉପକାର ସତେ କରୁଛି ମୁହିଁ
ଏ ବନ୍ଧନ କେବେ ଛିଡ଼ିବ ନାହିଁ ।
ନ କୁହ ମତେ କଳାରେ ଭାଇ
ନକୁହ ମତେ କଳା
ସମସ୍ତଙ୍କ ସେବା କରୁଛି ମୁହିଁ
ପ୍ରଭୁ ଦେଇଛି ଏ କଳା ।

*ଝାଟିପଦର,ପାଲୁର,ଗଞ୍ଜାମ*
*ମୋ - ୭୬୦୯୯୩୪୩୬୬*

## ପଖାଳ

*ବିଜୟ କୁମାର ଛାଟୋଇ*



ଓଡ଼ିଆ ଘରର ଜୀବନ ନାଟିକା
ଘରେଘରେ ଭାରି ଆଦର,
କହିଲ ପିଲାଏ କେଉଁ ଦରବ ସେ
ଥିବ ଯଦି କହ ନଜର ॥

ସାରଙ୍କ କଥାକୁ ସଭିଏଁ ଶୁଣିଲେ
ହାତ ଆଉଁସିଲେ ମଥାରେ ,
ମୁନୁ ଭାବୁଥିଲା ସହଜ ପ୍ରଶ୍ନ ଏ
କହିଦେବ ଥଟ୍ଟା ମଜାରେ।

କୁନୁ ସୁନୁ ଦୁହେଁ କହିଲା ଭଳିଆ
ଠରାଠରି ହେଲେ ଆଖିରେ ,
ଭାବିଭାବି ସୁନୁ କହିଲା କଥାଟେ
ସିଏ ଅଛି ଆମ ସାଥିରେ।

ଆସନରୁ ଉଠି କହିଲା ଗୁରୁଙ୍କୁ ଉତ୍ତରଟି
ହେଲା 'ପଖାଳ' ,
ଓଡ଼ିଆ ଘରେ ତ କିଛି ନ ଥାଉ
ଥିବ ନିଶ୍ଚ ମୁଠେ ପଖାଳ ॥

ଗରିବ ଲୋକଙ୍କ ଜୀବନ ରଖଇ
ଅଛି ଘରେ ଯଦି ପଖାଳ,
ପଖାଳ ପାଇଁ କି ମନଟି ବିକଳ
କେବେ ହେବ କାଲି ସକାଳ ॥

ପେଟରେ ପଖାଳ ପଡ଼ିଥିବ ଯଦି
କାମହେବ ସାଇଁ ସାଇଁଟି,
ଗରମ ଦିନକୁ ଔଷଧ ଏହି ତ
ଜମା ରୋଗ ହେବ ନାହିଁଟି ॥

ସେଥିପାଇଁ ବଡ଼ ଦେଉଳ ଭିତରେ
ଖଟଣି ଅଛଇ ପଖାଳ,
ନାନା ରକମର ପଖାଳ ହୁଅଇ
ବାସେ ମହମହ ସକଳ।

କୋଟି ଓଡ଼ିଆର ଜୀବନ ଅଟଇ
ସଭିଙ୍କର ପ୍ରିୟ ପଖାଳ,
ଦେହରେ ଶକତି ଆସଇ ଭକତି
ନିଦ ବି ହୁଅଇ ପ୍ରବଳ ॥

ସବୁ ପିଲାଯାକ ସୁନୁର ପିଠିରେ
ହାତ ଥାପୁଡ଼େଇ ବୋଇଲେ,
ଦୁନିଆରେ ତୁହି ଭଲଚାଟ ହେବୁ
ଭାବିଚିନ୍ତି କଥା କହିଲେ ॥

*ସଂପାଦକ, ପ୍ରଚାରକ ଅନନ୍ତ ମିଶ୍ର*
*ସ୍ମୃତି ପରିଷଦ ଓଡ଼ିଶା, ସତ୍ୟବାଦୀ*
*ଦୂରଭାଷ - ୮୫୯୯୮୩୮୫୯୭*

## କେମିତି ମାଁ

*ଜଗଦୀଶ ପଣ୍ଡା*



ହାରିଯାଇଥିବା ହଜାରେ କାରଣ ଭିତରୁ ବି
ତୁମେ ପାଇଯାଅ ଜିତିବାର ଉପଳ,
ହଜିଯାଇଥିବା ହତାଶ
ମନକୁ ବି କରିପାର
ପୁଣିଥରେ ଜୀବନ୍ତ ଆଉ ଉଜ୍ଜ୍ୱଳ।
କେମିତି ମାଁ
ଲୁଚି ଲୁଚି ଯାଉଥିବା ଲଟୋ ଆଶାକୁ ଆଣି
ଗଢି ଦେଇପାର ସଫଳତାର ଉଆସ,
ମିଶି ମିଶି ଯାଉଥିବା ମିଛ ସ୍ୱପ୍ନକୁ ତୋଳି
ଆଙ୍କି ଦେଇପାର ବାସ୍ତବର କାନଭାସ।
କେମିତି ମାଁ
କାନ୍ଥର ନିରଳା କୋଣେ
ଆଖ କରାଳ କରି
ଓଠେ ଭରିଥାଅ ମାୟାର ସେ ମିଛ ହସ
ଦୁଇ ଓଠେ ହରଷର ମିଛ ମାୟା ବୁଣି
ସଦା ସର୍ବଦା ନିଜେ କାନ୍ଦ
ତୁମେ ବର୍ଷ ବର୍ଷ।
କେମିତି ମାଁ
ନ କହି ମଧ ଜାଣିଦିଅ ଅକୁହା କଥା
ମନ ଦରିଆର ଉର୍ମି ପରଶେ,
ନ ଢ଼େ ବି ପଢିଦିଅ ଆର ଭାଷାକୁ
ଓଠ ଉଚ୍ଚାରିତ ସ୍ୱର ସାହାସେ।
କେମିତି ମାଁ
ଢାଙ୍କି ଦେଇପାର ନିଜ କୋହ ସବୁକୁ
ତୃପ୍ତିଭରା ଏକ ମୃଦୁ ହସରେ,
ସାଇତି ନିଅ ନିଜ ଲୁହ ସବୁକୁ
ମାଦକତା ଭରା ତୁମ ଖଣ୍ଡେ
ପଣତରେ।

*ଅଲାଡିଗାଁ, ଗଂଜାମ*
*ମୋ:୬୩୭୧୨୭୮୧୬୩*

# ମୋ ଓଡ଼ିଶା



## ଜିଲ୍ଲାରେ ତୃତୀୟ ପର୍ଯ୍ୟାୟ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହେଲେ ୧୮୫ ଉଚ୍ଚ ବିଦ୍ୟାଳୟ



ବାଲେଶ୍ୱର (ପିଏନ୍)-ଗତକାଲି ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରେ ଜିଲ୍ଲାର ତୃତୀୟ ପର୍ଯ୍ୟାୟରେ ୫-ଟି ଅନ୍ତର୍ଭୁକ୍ତ ୧୮୫ଗୋଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶା ସରକାରଙ୍କ ବହୁ ଉପାଦେୟ ୫-ଟି ଯୋଜନାର ଆଭିମୁଖ୍ୟ ତଥା ଜିଲ୍ଲାରେ ଉଚ୍ଚ ବିଦ୍ୟାଳୟଗୁଡିକର ରୂପାନ୍ତରୀକରଣ ଉପରେ ଆଲୋକପାତ କରିଥିଲେ ।

ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ପରିବେଶ, ଇ-ପାଠାଗାର, ବିଜ୍ଞାନାଗାର, ସ୍ମାର୍ଟ ଶ୍ରେଣୀଗୃହ, ଖେଳପଡିଆ, ପାନୀୟ ଜଳର ବ୍ୟବସ୍ଥା ଏବଂ ଶୌଚାଳୟ ଇତ୍ୟାଦିକୁ ୫-ଟି ମାଧ୍ୟମରେ ଗୁରୁତ୍ୱ ଦେଇ ଶିକ୍ଷାଦାନର ମାନଦଣ୍ଡକୁ ଉନ୍ନତମାନର କରାଯାଇପାରିବ ବୋଲି ଶ୍ରୀ ଶିନ୍ଦେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟ ପ୍ରତି ସମାଜର କର୍ତବ୍ୟ, ଦାୟିତ୍ୱ ଓ ଯୋଗଦାନ ପରସ୍ପରକୁ ନିକଟତର କରାଇବାର ପ୍ରୟାସ ୫-ଟି ଜରିଆରେ ହୋଇପାରିବ ଏବଂ ଆଗାମୀ ପିଢି ଶିକ୍ଷା କ୍ଷେତ୍ରରେ ନୂତନ ସୂର୍ଯ୍ୟୋଦୟ ଦେଖିବେ । ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଶ୍ରୀ ଶିନ୍ଦେ ତାଙ୍କ ଅଭିଭାଷଣ ମାଧ୍ୟମରେ ଉପସ୍ଥିତ ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ସାହୁ ଏହି ଅବସରରେ ୫-ଟି ଅନ୍ତର୍ଗତ ହାଇସ୍କୁଲ ରୂପାନ୍ତରଣରେ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ ।

ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବିଷ୍ଣୁଚରଣ ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ, ଫକୀରମୋହନ ମେଡିକାଲ କଲେଜ ପ୍ରବନ୍ଧକ ଶ୍ରୀମତୀ ମନୋରମା ଭୂୟାଁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀବୃନ୍ଦ, ଗୋଷ୍ଠୀ ଶିକ୍ଷାଧିକାରୀବୃନ୍ଦ ଏବଂ ବାଲେଶ୍ୱର ଜିଲ୍ଲା 'ମୋ ସ୍କୁଲ' ଟିମର ସଂଯୋଜକ ଶ୍ରୀ ସନ୍ଦୀପ କୁମାର ଖଟୁଆ ଏବଂ ସଦସ୍ୟ ଶ୍ରୀ ଶାଶ୍ୱତ ମହାପାତ୍ର, ଶ୍ରୀ ନରେନ୍ଦ୍ର ଅଗସ୍ତି, ଶ୍ରୀ ଶିବନାରାୟଣ ମିଶ୍ର, ଶ୍ରୀ କମଳ ବିଶ୍ୱାଳ, ଶ୍ରୀ ପ୍ରଭାତ ମଣ୍ଡଳ ପ୍ରମୁଖ ଏଥିରେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ । ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଧରଣୀଧର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯାଇଥିଲା ।

## ଓମ୍‌ଫେଡ୍ କଲୋନୀକୁ ଜବରଦଖଲ କରିଛି କିଏ ?

ଫୁଲନଖରା (ପିଏନ୍)-କଟକ ମହାନଗର ନିଗମ ୫୯ନଂ ୱାର୍ଡ ଅନ୍ତର୍ଗତ ପଶୁରୋଗ ଗବେଷଣା କେନ୍ଦ୍ର (ଏଡିଆର୍‌ଆଇ) ଅଧୀନରେ ଥିବା ଓମ୍‌ଫେଡ କଲୋନୀରେ ଥିବା ସମୁଦାୟ କ୍ୱାର୍ଟରର ଅଧା ବାହାର ଲୋକଙ୍କ ଜବରଦଖଲରେ ରହିଛି । ସର୍ବମୋଟ ୯୪ଟି କ୍ୱାର୍ଟର ଥିଲାବେଳେ ସେଥିମଧ୍ୟରୁ ୨୬ଟି କ୍ୱାର୍ଟର ଏଡିଆର୍‌ଆଇ ବିଭିନ୍ନ କର୍ମଚାରୀମାନଙ୍କ ନାମରେ ଆଲଟମେଣ୍ଟ କରିଥିବାବେଳେ ୨୧ଟି କ୍ୱାର୍ଟର ଏଡିଆରଆଇ ଅଧିନରେ ରହିଛି । ୪୭ଟି କ୍ୱାର୍ଟରକୁ ବିଭାଗ ସହିତ ସଂପୃକ୍ତ ନଥିବା ବିଭିନ୍ନ ବ୍ୟକ୍ତିବିଶେଷମାନେ ଜୋରଜବରଦସ୍ତ ମାଡିବସି ରହିଛନ୍ତି । ବିଭାଗ ତରଫରୁ କ୍ୱାର୍ଟର ଛାଡିବା ପାଇଁ ବାରମ୍ବାର ନୋଟିସ ଜାରି ହୋଇଥିଲେ ମଧ୍ୟ ସେମାନେ କ୍ୱାର୍ଟର ନଛାଡି ବ୍ୟକ୍ତିଗତ ଭାବରେ ଗୃହ ସଂପ୍ରସାରଣ କରିବା ସହିତ ବିଦ୍ୟୁତ୍ ସଂଯୋଗ ନେଇ ରହୁଛନ୍ତି । ଉକ୍ତ କଲୋନୀ ପରିସରରେ ଏକ ମନ୍ଦିର ନିର୍ମାଣ କରିବାକୁ ଉଦ୍ୟମ କରୁଥିବାବେଳେ ବିଭାଗ ତରଫରୁ କଟକ ସଦର ଥାନାରେ ଅଭିଯୋଗ କରାଯାଇ ମନ୍ଦିର ନିର୍ମାଣକୁ ବନ୍ଦ ରଖାଯାଇଥିବା ଜଣାପଡିଛି । କଲୋନୀଟି ବହୁ ପୁରାତନ ହୋଇଥିବାରୁ ଗୃହଗୁଡିକ ବିପଦସଂକୁଳ ଅବସ୍ଥାରେ ଅଛି । ବିଭାଗ ତରଫରୁ ୨୦୧୯ ମସିହା ଡିସେମ୍ବର ମାସ ୧୬ ତାରିଖରେ ଆର. ଆଣ୍ଡ୍ ବି.ର ଏକ୍‌ଜିକ୍ୟୁଟିଭ ଇଂଜିନିୟରଙ୍କୁ ଗୃହଗୁଡିକର ସ୍ଥିତି ଯାଞ୍ଚ ପାଇଁ ଚିଠି କରାଯାଇଥିଲା । କିନ୍ତୁ ତାହା ଏପର୍ଯ୍ୟନ୍ତ କରାଯାଇପାରିନାହିଁ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି । କଟକ ଉପଜିଲ୍ଲାପାଳ ଚିଠି ନଂ ୩୩୪୫/୧୧.୩.୨୦ରେ ଏଡିଆର୍‌ଆଇର ଯୁଗ୍ମ ନିର୍ଦ୍ଦେଶକଙ୍କୁ କଲୋନୀରୁ ଜବରଦଖଲ ଉଚ୍ଛେଦ ପାଇଁ ଚିଠି କରିଥିଲେ । ବିଭାଗ ତରଫରୁ ଚିଠି ନଂ ୮୬୪/୨୦.୩.୨୦ରେ ଡେପୁଟି କମିଶନର ପୋଲିସ୍‌ଙ୍କୁ ଜବରଦଖଲ ଉଚ୍ଛେଦରେ ସହଯୋଗ କରିବା ପାଇଁ ଚିଠି ଲେଖି ଅନୁରୋଧ କରିଥିଲେ କି ୨୪.୩.୨୦୨୦ରେ କଲୋନୀରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ । ଏହାଭିତରେ ଦୀର୍ଘ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ କ'ଣ ପାଇଁ ଓ କାହା ସ୍ୱାର୍ଥରେ କଲୋନୀକୁ ଉଚ୍ଛେଦ କରାଯାଉନାହିଁ ତାହା ବୁଝାପଡୁନାହିଁ । ବାହାର ଲୋକ ରହିବା ଫଳରେ ସଂପୃକ୍ତ କଲୋନୀ ଅଂଚଳରେ ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।

## ପତ୍ନୀର ଅଶ୍ଳୀଳ ଫଟୋ ଭାଇରାଲ କରି ସ୍ୱାମୀ ଗିରଫ

କେନ୍ଦ୍ରାପଡ଼ା (ପିଏନ୍): ପତ୍ନୀର ଅଶ୍ଳୀଳ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଅଭିଯୋଗରେ କେନ୍ଦ୍ରାପଡା ଟାଉନ୍ ଥାନା ପୋଲିସ ସ୍ୱାମୀକୁ ଗିରଫ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ପ୍ରଶାନ୍ତ ପ୍ରଧାନ। ଅଭିଯୁକ୍ତ ସ୍ୱାମୀର ଘର ମହାକାଳପଡ଼ା ବ୍ଲକର ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ଏକଲପୁର ଗ୍ରାମରେ। ପ୍ରଶାନ୍ତ ବନ ବିଭାଗରେ ଚାକିରି କରୁଛନ୍ତି ବୋଲି କହି ବିବାହ କରିଥିଲେ। କିନ୍ତୁ ପତ୍ନୀ ଜାଣିବାକୁ ପାଇଥିଲେ ଯେ ସେ ଯେଉଁ ଚାକିରି କହି ବିବାହ କରିଛନ୍ତି ପ୍ରକୃତରେ ସେ ସେହି ଚାକିରି କରିନାହାଁନ୍ତି। ବାଧହୋଇ ପତ୍ନୀ ଶାଶୁଘରେ ରହିଥିଲେ। ଗତ କିଛିଦିନ ଧରି ପତ୍ନୀଙ୍କୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଉଥିଲେ ପ୍ରଶାନ୍ତ। ଏଥିସହ ପିଲାମାନଙ୍କୁ ମଧ ମାରଧର କରୁଥିଲେ। ବାଧହୋଇ ପତ୍ନୀ କେନ୍ଦ୍ରାପଡା ସହରର ଗୋପରେ ପିଲାଙ୍କୁ ଧରି ଏକ ଭଡ଼ାଘରେ ରହିଥିଲେ। କିନ୍ତୁ ପ୍ରଶାନ୍ତ ଗୋପସ୍ଥିତ ଭଡ଼ାଘରକୁ ଯାଇ ପିଲାଙ୍କୁ ମାରଧର କରିବା ସହ ପତ୍ନୀଙ୍କୁ ମଧ ମାରଧର କରିଥିଲେ। ଏହାକୁ ବିରୋଧ କରିବାରୁ ପତ୍ନୀଙ୍କ ଅଶ୍ଳୀଳ ଫଟୋ ସାମାଜିକ ଗଣମାଧମରେ ଭାଇରାଲ କରିଦେଇଥିଲେ। ଫଳରେ ପତ୍ନୀ ଏଥିନେଇ କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଗତ ଜୁଲାଇ ମାସ ୨ ତାରିଖରେ ୧୧୯/୨୦୨୨ରେ ଏକ ମାମଲା ରୁଜୁ କରିଥିଲା। ହେଲେ ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଥିଲା। ଶୁକ୍ରବାର ତାଙ୍କୁ ଗିରଫ କରିବାରେ ପୋଲିସ ସକ୍ଷମ ହୋଇଛି। ଏ ସମ୍ପର୍କରେ ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି ଯେ ପତ୍ନୀଙ୍କ ଅଭିଯୋଗ ଆଧାରରେ ସ୍ୱାମୀଙ୍କୁ ଗିରଫ କରାଯାଇଛି।

## କବି ନାରାୟଣ ବାରିକ୍‌ଙ୍କ କବିତା ସଂକଳନ: 'ପାଣିତଳର ଜହ୍ନ'




ଆମ ଓଡ଼ିଶାର ବରେଣ୍ୟ ଶିକ୍ଷାବିତ୍, ପ୍ରଶାସକ, କବି, ପ୍ରଫେସର ଡକ୍ଟର ନାରାୟଣ ବାରିକ୍‌ଙ୍କ ପ୍ରଥମ କବିତା ସଂକଳନ 'ପାଣିତଳର ଜହ୍ନ' (୨୦୨୧) ସମକାଳୀନ ଓଡ଼ିଆ କବିତାର ଦିଗ, ବାଗ, ଆଙ୍ଗିକ ଓ ଆତ୍ମିକ ଉଭୟ ଦୃଷ୍ଟିକୋଣରୁ ନୂତନତ୍ୱର ସ୍ୱର ବହନ କରେ। ଏଥିରେ ମୋଟ୍ ୪୭ଟି କବିତା ରହିଛି। କବିଙ୍କ କାବ୍ୟ ଅନ୍ୱେଷଣରେ ମାନବବାଦୀ ସ୍ୱର, ବିଶ୍ୱପରିଚୟ ବୋଧ, ମାଟି ଓ ମଣିଷ ପ୍ରୀତି, ପ୍ରକୃତି ଓ ସୌନ୍ଦର୍ଯ୍ୟବୋଧର ପରିଚର୍ଯ୍ୟା ଦେଖିବାକୁ ମିଳେ। ସୁନ୍ଦର ପ୍ରୀତିର ଗୁଣୁଗୁଣୁ ସ୍ୱରଟିଏ ଭଳି ଏହା ମନ ପ୍ରାଣକୁ ଆଚ୍ଛାଦିତ କରି ରଖେ। ଏଥିରେ ସ୍ଥାନିତ କବିତାଗୁଡ଼ିକ ଉଭୟ ପ୍ରେମ ଓ ବିଶ୍ୱାସରେ ଉଦାର ଓ ହସହସ ପୁଣି ଶକ୍ତ ଯନ୍ତ୍ରଣାରେ ଜୁଡୁବୁଡୁ। ଏହା ସାରା ବିଶ୍ୱର ଯନ୍ତ୍ରଣାକୁ ବୁଝେ, ମଣିଷର ସମସ୍ୟାକୁ କାନଡେରି ଶୁଣେ। କବିଙ୍କ ଭାଷାରେ କେଉଁଠୁ ଖୋଜି ଆଣିଥା'ନ୍ତି ଅବା ତୁମ ପାଇଁ ଐରାବତ ହସ୍ତୀ, ଅଣିମାଦି ଅଷ୍ଟନିଧି କୁବେରଙ୍କ ନବରତ୍ନ, ଉଡ଼ି ବୁଲୁଥା'ନ୍ତ ତୁମେ ପରୀଟିଏ ପରି କେଉଁ ଏକ ସ୍ୱପ୍ନ ଇଲାକାରେ ମାଟି, ପାଣି, ପବନରେ ମୋହ ସାଥେ।' (ଅସମାପିକା) କବିତାର କେନ୍ଦ୍ରବିନ୍ଦୁକୁ ପ୍ରତିଧ୍ୱନିତ କରୁଛନ୍ତି ଜଣେ ଅନନ୍ୟ ସୁନ୍ଦରୀ ନାରୀ। ସେ ସ୍ୱପ୍ନ ନାୟିକା ବା କବିପତ୍ନୀ ଡକ୍ଟର କୁଞ୍ଜଲତା ଦାସ ହୋଇପାରନ୍ତି। ପୃଥିବୀର ସବୁ ନରନାରୀ, ନାୟକ-ନାୟିକା ଆଜି ଏକ ଧୂଧୂ ଧୂସର ଭୂମିରେ ଠିଆ ହୋଇଛନ୍ତି ଯେମିତି। ଏକ ପରିପୂର୍ଣ୍ଣ ଜୀବନକୁ ନେଇ ଏଠି ମୁଠା ମୁଠା ସ୍ୱପ୍ନ ଅଛି। କବିଙ୍କ ଭାଷାରେ-"ଫୁଲ ପରି ତମ ମନକୁ ଯେତେଥର ଛୁଇଁଛି, ବାସ୍ନାରେ ଆମୋଦିତ ହୋଇ ପଡ଼ିଛି ସର୍ବାଙ୍ଗ" (ଅଭିସାର) ଗୋଟେ ଦୁଃଖବୋଧ ବା ଅବଶୋଷପୂର୍ଣ୍ଣ ଯନ୍ତ୍ରଣା ହିଁ ସକଳ ସୃଷ୍ଟିର ମୂଳଉତ୍ସ। କବିତାରେ ଆମେ ଏକ ସାମୂହିକ ମଣିଷର (Collective Human being)ର ସ୍ୱର ଶୁଣିଥାଉ। 'ପାଣି'-ଜୀବନର ପ୍ରତୀକ 'ଜହ୍ନ'। ସୌନ୍ଦର୍ଯ୍ୟ, ପ୍ରେମ-ଆନନ୍ଦ ଓ ସେକ୍ସର ପ୍ରତୀକ ଅଟେ। 'ପାଣିତଳର ଜହ୍ନ' କବିତା ଗ୍ରନ୍ଥଟି ଅସୀମ ଜୀବନର ଜୟଗାନ, ଜୀବନ-ଜିଜ୍ଞାସା ଓ ଯୁଗ ଚେତନାର ସ୍ୱର ବହନ କରେ। ସମଗ୍ର ବିଶ୍ୱ ଯେତେବେଳେ ଭୟ, ସଂଶୟ, ଅବିଶ୍ୱାସ ଓ ସନ୍ଦିଗ୍ଧ ଭାବନାରେ ଭୀତତ୍ରସ୍ତ ହୋଇପଡ଼ିଛି, ସେତେବେଳେ କବି ଯୀଶୁଖ୍ରୀଷ୍ଟଙ୍କ ଭଳି ଉଦାର ପ୍ରେମର ପ୍ରତିଛବି ଆଙ୍କିଛନ୍ତି। ଯଥାର୍ଥରେ କୁହାଯାଏ-"Poetry begins not in isolation but in relationship." କବିତାରେ- ଖରା, ମେଘ, ମରୁଭୂମି, ରାସ୍ତା, ଘାସ, ଜହ୍ନ, ଗୋଲାପ, ହ୍ରଦ, ପାହାଡ଼ ଆଦି ଆର୍କଟାଇପ୍‌ଗୁଡ଼ିକ ଜୀବନର ଏକ ଉତ୍ତୀର୍ଣ୍ଣବୋଧକୁ ତଥା ବିପୁଳ ଆକାଂକ୍ଷାକୁ ପ୍ରତୀକିତ କରିଥା'ନ୍ତି। ଏମିତିକି କୁହାଯାଏ- "A Symbol is a visible of audible song of some thought." ସାମ୍ପ୍ରତିକ କବିତାରେ ଡକ୍ଟର ନାରାୟଣ ବାରିକ୍ ଏକ ପରିଚିତ ସ୍ୱର। ଏହା ସବୁଠି ଗ୍ରହଣୀୟ ଅଟେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ମହିଳା ଗୋଷ୍ଠୀ ପକ୍ଷରୁ ବଡ଼ଦାଣ୍ଡରେ ପିଠା ବିତରଣ

ଫୁଲନଖରା (ପିଏନ୍)- ମା' ମହାଲକ୍ଷ୍ମୀ ମହିଳା ମିଶନ ଶକ୍ତି ସଂଗଠନ ପକ୍ଷରୁ ପୁରୀ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ବିଭିନ୍ନ ପ୍ରକାର ପିଠା ଯଥା: ମଣ୍ଡା, ଏଣ୍ଡୁରୀ, ଚିତଉ ଓ କାକରା ଆଦି ବିତରଣ ହୋଇଥିଲା। ରଥଯାତ୍ରା ଅବସରରେ କଟକ ମହାନଗର ନିଗମ ଅନ୍ତର୍ଗତ ଜୋବ୍ରା ଅଞ୍ଚଳର ଏହି ଅଗ୍ରଣୀ ସଂଗଠନ ଆନୁକୂଲ୍ୟରେ ୫କ୍ୱିଣ୍ଟାଲ ପରିମାଣ ଚାଉଳର ପିଠା ଭକ୍ତଙ୍କୁ ଦିଆଯାଇଛି। ସଂଘ ସଭାନେତ୍ରୀ ଡଃ. ପ୍ରଣତୀ ମହାପାତ୍ର ଓ ସମ୍ପାଦିକା କଳ୍ପନା ପାଣିଙ୍କ ନେତୃତ୍ୱରେ ରେଣୁବାଳା ରାଉତ, ମୀନାକ୍ଷୀ ପଟ୍ଟନାୟକ, ଗୀତାଂଜଳି ମିଶ୍ର, ସଂଘମିତ୍ରା ବାରିକ, ନିର୍ମଳା କୁମାରୀ ପାତ୍ର, ସୁଚିତ୍ରା ମିଶ୍ର, ବିନିତା ରାଉତ ଓ କ୍ଷଣପ୍ରଭା ବାରିକଙ୍କ ସମେତ ଶତାଧିକ ମହିଳା ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଓଡ଼ିଶାରେ ପାଳିତ ବିଭିନ୍ନ ପର୍ବପର୍ବାଣିରେ ଏହି ସଂଗଠନ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାର ବସ୍ତି ଅଞ୍ଚଳରେ ପିଠାପଣା ଆଦି ବଣ୍ଟନ କାର୍ଯ୍ୟ ଦୀର୍ଘ ବର୍ଷ ଧରି ହୋଇଆସୁଛି।

## ପାରାଦୀପ ବନ୍ଦର ଶ୍ରମିକ ୟୁନିୟନର ୩୮ତମ ବାର୍ଷିକ ସମ୍ମିଳନୀ

ପାରାଦୀପ (ପିଏନ୍)-ପାରାଦୀପ ବନ୍ଦର ଶ୍ରମିକ ୟୁନିୟନର ୩୮ତମ ବାର୍ଷିକ ସମ୍ମିଳନୀ ମଧୁବନସ୍ଥିତ ୟୁନିୟନ ପରିସରରେ ଆୟୋଜିତ ହୋଇଯାଇଛି । ବରିଷ୍ଠ ଶ୍ରମିକ ନେତା ଅଜେୟ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବର୍ଷୀୟାନ କୃଷକ ନେତା ସଚ୍ଚିକାନ୍ତ ପାଣି, ୟୁନିୟନର ସାଧାରଣ ସମ୍ପାଦକ ନିମାଇଁ ଚରଣ ବରାଳ ପ୍ରମୁଖ ଯୋଗଦେଇ ଜାତି, ଧର୍ମ, ବର୍ଣ୍ଣ ଓ ଅଂଚଳ ନାମରେ ଶ୍ରମିକ ଶ୍ରେଣୀକୁ ଭାଗ ଭାଗ କରି ଦେଶର ଶାସକ ଗୋଷ୍ଠୀ ଶ୍ରମିକ ଶୋଷଣ ନୀତି ବିରୁଦ୍ଧରେ ଶ୍ରମିକ ଶ୍ରେଣୀ ସଚେତନ ଏବଂ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଆଗାମୀ ବର୍ଷ ନିମନ୍ତେ ଅଜେୟ ରାଉତ ସଭାପତି, ନିମାଇଁ ଚରଣ ବରାଳ ସାଧାରଣ ସମ୍ପାଦକ, ଅଜୟ କୁମାର ବେହେରା ସହ-ସାଧାରଣ ସମ୍ପାଦକ, କୁଶ ଚରଣ ସୂତାର ଉପସଭାପତି ଏବଂ ଅଜୟ କୁମାର ସାହୁ କୋଷାଧକ୍ଷଙ୍କ ସମେତ ୧୮ ଜଣ କର୍ମକର୍ତା ଏବଂ ୪୯ ଜଣିଆ କାର୍ଯ୍ୟକାରୀ କମିଟି ସଭ୍ୟ ନିର୍ବାଚିତ ହୋଇଛନ୍ତି । ଏହି ସମ୍ମିଳନୀରେ ଶତାଧିକ ବନ୍ଦର ଶ୍ରମିକ ଓ କର୍ମଚାରୀ ଯୋଗ ଦେଇଥିଲେ ।

## ନାବାଳକକୁ ଇଟାଭାଟିରେ ଖଟାଇ ନିର୍ଯ୍ୟାତନା

କେନ୍ଦ୍ରାପଡ଼ା (ପିଏନ୍): ଜନୈକ ନାବାଳକକୁ ଏକ ଇଟାଭାଟିରେ ଖଟାଇବା ସହ ତାକୁ ନିର୍ଯ୍ୟାତନା ଦିଆଯିବା ନେଇ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଅଭିଯୋଗ ପରେବି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ନେଇ ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଜିଲ୍ଲାର ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ଗୁଲୁଦିଆ ଗ୍ରାମର ଅଜାମିଳ କାମିଲାଙ୍କ ପତ୍ନୀ କବିତା କାମିଲା ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ନାବାଳାକ ସାନପୁଅ ଗୌତମ କାମିଲାକୁ ସେହି ଗ୍ରାମର କୃତିବାସ ସରକାର ନେଇ ତାଙ୍କ ଇଟାଭାଟି ଏବଂ ଟ୍ରାକ୍ଟରରେ ଶ୍ରମିକ ଭାବରେ ଖଟାଉଥିଲେ। ଏ ସମ୍ପର୍କରେ କୃତିବାସ ଗୌତମର ପିତାମାତାଙ୍କୁ କିଛି ଜଣାଇନଥିଲେ। ଗତ ଜୁନ ମାସ ୩୦ତାରିଖରେ, କୃତିବାସ ତାଙ୍କ ପୁଅ ଏବଂ ପତ୍ନୀ ଗୌତମକୁ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଉଦ୍ୟମ କରୁଥିବା ସମ୍ପର୍କରେ ଖବର ପାଇ ଗୌତମର ମା' କବିତା କାମିଲା, ବାପା ଅଜାମିଳ କାମିଲା ଓ ବଡଭାଇ ଉତମ କାମିଲା ଘଟଣାସ୍ଥଳରେ ପହଞ୍ଚି ଗୌତମକୁ ନମାରିବା ପାଇଁ କୃତିବାସଙ୍କୁ ନିବେଦନ କରିବାରେ ସେମାନେ କବିତାଙ୍କୁ ଗାଳିଗୁଲଜ କରି ଧକ୍କା ତଣ୍ଟିଆ ମାରି ସେ ପିନ୍ଧିଥିବା ଲୁଗାଟିକୁ ଟାଣି ଚିରି ଦେବା ସହ କବିତାଙ୍କୁ ଜୀବନରେ ମାରିଦେବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ଏଥିସହିତ ତାଙ୍କ ସ୍ୱାମୀ ଓ ବଡପୁଅ ଉତମକୁ ମାଡମାରି ତା'ଠାରୁ ଏକ ମୋବାଇଲ ଫୋନ ଓ ସୁନା ଲକେଟ ଛଡାଇନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତନ୍ତିଆପାଳ ଥାନାରେ କବିତା ଲିଖିତ ଅଭିଯୋଗ କରିଥିଲେ ବି ପୋଲିସ ରାଜନୈତିକ ଚାପର ବଶବର୍ତୀ ହୋଇ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା କବିତା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ଚଉଦକୁଲାଟ ଶ୍ରୀଦଧିବାମନଜୀୟୁଙ୍କ ମନ୍ଦିରରୁ ଚୋରି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ତଥା ଚଉଦକୁଲାଟ ଫାଣ୍ଡି ଅନ୍ତର୍ଗତ ତମାଳଶାସନସ୍ଥିତ ଶ୍ରୀଦଧିବାମନଜୀୟୁଙ୍କ ମନ୍ଦିରରୁ ଶ୍ରୀଜୀୟୁଙ୍କ ଚଳନ୍ତି ପ୍ରତିମାକୁ କେହି ଚୋରି କରି ନେଇଥିବା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ ହୋଇଛି। ଗତ ୫ବର୍ଷ ଭିତରେ ଏହା ଦ୍ୱିତୀୟ ଥର ଚୋରି ହୋଇଛି। ଅଷ୍ଟଧାତୁରେ ନିର୍ମିତ ଶ୍ରୀଦଧିବାବନଜିୟୁଙ୍କ ଚଳନ୍ତି ପ୍ରତିମାକୁ କେହି ଦୁର୍ବୃତ ଚୋରି କରି ନେଇଯାଇଛି। ଗତ ୨୦୧୭ ମସିହାରେ ଚୋରି ହୋଇଯାଇଥିବା ବିଗ୍ରହ ସ୍ଥାନରେ ମନ୍ଦିର ପ୍ରଶାସନ ପକ୍ଷରୁ ଏକ ନୂତନ ପ୍ରତିମା ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଏହାର ୧୫ମାସ ପରେ ଚୋରି ହୋଇଯାଇଥିବା ପ୍ରତିମା ଏକ ପରିତ୍ୟକ୍ତ ସ୍ଥାନରୁ ମିଳିବା ପରେ ଏକ ଆଧ୍ୟାତ୍ମିକ ପରିବେଶରେ ସେହି ପ୍ରତିମାକୁ ମନ୍ଦିରକୁ ନିଆଯାଇ ପୂଜାର୍ଚ୍ଚନା କରାଯାଇ ଆସୁଥିଲା । କେହି ଦୁର୍ବୃତ ମନ୍ଦିର ପରିବେଶ ଶୁନଶାନ ହେବା ପରେ ମନ୍ଦିର ଗ୍ରୀଲର ତାଲା ଭାଙ୍ଗି ୨ଟି ଚଳନ୍ତି ବିଗ୍ରହକୁ ଚୋରିକରି ନେଇଯାଇଛି । ଚଉଦକୁଲାଟ ଫାଣ୍ଡି ତଥା ପଟ୍ଟାମୁଣ୍ଡାଇ ଥାନା ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ତମାଳଶାସନର ଶ୍ରୀଦଧିବାମନଜୀୟୁ ଓଡିଶା ସରକାରଙ୍କ ଏକ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ମନ୍ଦିର ପରିସରରେ ସିସି କ୍ୟାମେରା ଲଗାଇବା ପାଇଁ ଓ ଚୋରକୁ ଧରାଯାଇ କଠିନ ଦଣ୍ଡ ବିଧାନ କରାଯିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

## ପାରାଦୀପରେ ନିଟ୍ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ

ପାରାଦୀପ (ପିଏନ୍)-ପାରାଦୀପ ଠାରେ ପ୍ରଥମ ଥର ପାଇଁ ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ୍ ଅନୁଷ୍ଠିତ ହୋଇଥିଲା । ଚଳିତ ମାସ ୧୭ ତାରିଖ ଦିନ ଜଗତସିଂହପୁର ଜିଲ୍ଲାର ପାରାଦୀପଠାରେ ଏହି ପ୍ରବେଶିକା ପରୀକ୍ଷା ନିଟ୍-୨୦୨୨ ଜାତୀୟ ପରୀକ୍ଷଣ ସଂସ୍ଥା (ଏନଟିଏ) ଦ୍ୱାରା ସୂଚାରୁରୂପେ ପରିଚାଳିତ ହୋଇଯାଇଛି । ଏହି ଜାତୀୟସ୍ତରର ପ୍ରବେଶିକା ପରୀକ୍ଷାରେ ଜଗତସିଂହପୁର ଜିଲ୍ଲା ପାଇଁ ସର୍ବମୋଟ ୭୦୬ ଜଣ ଛାତ୍ରଛାତ୍ରୀ ପଂଜିକୃତ ହୋଇଥିବା ସ୍ଥଳେ ୬୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଜଗତସିଂହପୁର ପବ୍ଲିକ୍ ସ୍କୁଲ୍‌ଠାରେ ୨୦୨ ଜଣ, ପାରାଦୀପ ପୋର୍ଟ ଡି.ଏ.ଭି. ସ୍କୁଲରେ ୩୬୦ ଜଣ ଓ ପିପିଏଲ୍ ଡି.ଏ.ଭି. ପବ୍ଲିକ୍ ସ୍କୁଲରେ ୧୪୪ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଥିଲା । ତେବେ ଜିଲ୍ଲାରେ ପ୍ରଥମ ଥର ପାଇଁ ନିଟ୍ ପ୍ରବେଶିକା ପରୀକ୍ଷା ଆୟୋଜିତ ହୋଇଥିବାରୁ ଆଗାମୀ ଦିନ ପାଇଁ ବିଭିନ୍ନ ଜାତୀୟ ପରୀକ୍ଷା ଏହି ଜିଲ୍ଲାରେ ହେବା ପାଇଁ ପଥ ସୁଗମ ହୋଇଛି । ଏହି ପରୀକ୍ଷାକୁ ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ସୁଚାରୁ ରୂପେ ସମ୍ପାଦନ କରିଥିଲେ ।




# ଶିକ୍ଷା ଲାଗି ଅନେକ ଯୋଜନା, ହେଲେ ପୃଷ୍ଟିହୀନତା ଲାଗି ଦୃଷ୍ଟି ଶକ୍ତି ହରାଉଛନ୍ତି ପିଲା

ରାଉରକେଲା, (ପି.ଏନ): ରାଉରକେଲା ସହରର ସରକାରୀ ବିଦ୍ୟାଳୟ ଗୁଡିକରେ ପିଲା ମାନଙ୍କ ଲାଗି ସରକାରଙ୍କର ଅନେକ ଯୋଜନା, ମାଗଣା ବହି, ଛତା, ଯୋତା, ଭତା ଠାରୁ ଆରମ୍ଭ କରି ମାଗଣା ଭୋଜନ ଯାଏ ଭଳିକି ଭଳି ଯୋଜନା କରାଯାଇଛି । ସବୁ ଯୋଜନା କେମିତି ଚାଲିଛି ଓ ସେଥିରେ କେତେ ସୁଫଳ ମିଳୁଛି ତାହା ସୁଚାରୁ ଭାବେ ଚାଲିଛି କି ନାହିଁ ସେନେଇ ଅନେକ କଥା ପଦାକୁ ଆସୁଛି, ହେଲେ ଉପଯୁକ୍ତ ପୃଷ୍ଟି ନପାଇ ରାଉରକେଲାର ପ୍ରବେଶପଥ ପାନପୋଷ ନୋଡାଲ ବିଦ୍ୟାଳୟରେ ଜଣେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବା ପିଲା ଧିରେ ଧିରେ ନିଜର ଦୃଷ୍ଟି ଶକ୍ତି ହରାଇଥିବାର ଖବର ମିଳିଛି । ପିଲାଟି ମିୟମିତ ନିଜର ଏହି ସମସ୍ୟା କଥା କହି ପାଠ ପଢିବାକୁ ଆସିଥାଏ, ହେଲେ ଗତକାଲି ତାକୁ କିଛି ଦେଖାଯାଉନି ଓ ସେ କିଛି ଜାଣି ପାରୁନି ତାକୁ ଘରକୁ ନେଇ ଛାଡି ଦିଅ ବୋଲି କହି କଇଁ କଇଁ ହୋଇ କାନ୍ଦିବା ପରେ ତାର ପରିବାରକୁ ଡକାଯାଇ ପିଲାଟିକୁ ହସ୍ତାନ୍ତର କରାଯାଇ, ବିଦ୍ୟାଳୟ ତାର କାମ ସାରିଦେଇଛି । ପରେ ତାର ଅଭିଭାବକ ଡାକ୍ତରଙ୍କୁ ଦେଖାଇବା ପରେ ପିଲାଟି ସାମାନ୍ୟ ସୁସ୍ଥ ହୋଇଥିବା ଖବର ମିଳିଛି । ଖାଲି ସେହି ପିଲା ନୁହେଁ ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ଥିବା ପିଲା ମାନଙ୍କର ଏହିଭଳି ନାନା ସମସ୍ୟା ରହୁଛି, ଯାହା ତାଙ୍କୁ ମେଡିକାଲ ପରୀକ୍ଷା କଲେ ଜଣାପଡିବ ଓ ସେମାନେ ସେହି ସବୁ ରୋଗରେ ଘାଂଟି ହେଉଛନ୍ତି ।ଏହ ବିଦ୍ୟାଳୟରେ ଦିର୍ଘ ଦଶ ବର୍ଷ ଧରି ଜଣେ ପ୍ରଧାନ ଶିକ୍ଷକ ନାହାନ୍ତି, କେବଳ ଇନଚାର୍ଜ ପ୍ରଧାନଶିକ୍ଷକ ରଖାଯାଇ ଏତେବଡ ବିଦ୍ୟାଳୟ ଚଲା ଯାଉଥିବା ବେଳେ,ଏହାର ରେଜଲ୍ଟ ମଧ ଆଖିଦୃଶିଆ ନୁହେଁ। ଏପରିକି ଜିଲ୍ଲାରେ ଶେଷ ସ୍ଥାନରେ ରହଥିବା ଖବର ମିଳିଛି । କେବଳ କିଛି ଲୋକଙ୍କର ବ୍ୟକ୍ତିଗତ ସ୍ୱାର୍ଥ ସାଧନ ଲାଗି ଏଠାରେ ପ୍ରଧାନଶିକ୍ଷକ ନିଯୁକ୍ତି କରାଯାଉନଥିବା ବେଳେ ପିଲାମାନଙ୍କର ଏହିଭଳି ନାନା ସମସ୍ୟା ପ୍ରତି ଅଣଦେଖା କରାଯାଉଛି । ଛୋଟ ଛୋଟ ପିଲା ହୁଅନ୍ତୁ କିମ୍ବା ବଡ ପିଲା ସେମାନଙ୍କର ସମସ୍ୟାକୁ ନେଇ ଜଣେ ପ୍ରଧାନଶିକ୍ଷକ ଯେତିକି ତତ୍ପରତା ପ୍ରକାଶ କରନ୍ତେ ଜଣେ ଦାୟିତ୍ୱରେ ଥିବା ଲୋକ ଠାରୁ ତାହା ଆଶା କରାଯାଇନପାରେ, ଯାହା ଏଠାରେ ଘଟୁଛି । କେବଳ ବେଆଇନ ଭାବେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଉପରେ ମେରୀ ରାୟ ନୀତିକୁ ଲାଗୁ କରି ସିନା ଏଠି ନିଜର ପାରିବା ପଣିଆ କିଛି ବାବୁ ଓ ତଳିଆ କର୍ମଚାରୀ ଏହି ବିଦ୍ୟାଳୟ ମାମଲାରେ ସଫଳ ହେଉଛନ୍ତି, କିନ୍ତୁ ପିଲାମାନଙ୍କର ଭବିଷ୍ୟତ ଏଠି ଏକ ପ୍ରକାର ଅନ୍ଧକାର ହେବାରେ ଚାଲିଛି । ଏହା ଏକ ପ୍ରାଥମିକ ଓ ହାଇସ୍କୁଲ ମିଶା ହୋଇଥିବା ବିଦ୍ୟାଳୟ, ଏଠାରେ ପ୍ରଥମରୁ ୧୦ମ ଯାଏ ପ୍ରାୟ ୫ଶହରୁ ଅଧିକ ପିଲା ପଢନ୍ତି । ଶିକ୍ଷକଙ୍କ ସଂଖ୍ୟା ମଧ ସେହି ଅନୁପାତରେ ନଥିଲେ ବି ନୂଆ ପିଲା ମାନେ ନିକଟରେ ଯୋଗଦାନ କରିଛନ୍ତି, ଏଭଳି ସ୍ଥିତିରେ ଜଣେ କମ୍ ବୟସର ଅନଭିଜ୍ଞ ଲୋକଙ୍କୁ ଏଭଳି ଦାୟିତ୍ୱରେ ରଖାଯାଇ ୧୦୦ ବର୍ଷ ର ଏହି ବିଦ୍ୟାଳୟର ପିଲାମାନଙ୍କ ପ୍ରତି ସରକାର କେତେ ନ୍ୟାୟ କରିଛନ୍ତି ତାହା ନିଶ୍ଚୟ ବିଚାର ଯୋଗ୍ୟ ।

## କଫ ଶିରପ ଓ ଅନ୍ୟ ନିଶାଦ୍ରବ୍ୟ ଜବତ, ଜଣେ ଗିରଫ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ଟାଉନ ଥାନା ଅଂଚଳର ଶାନ୍ତିପଡା ଠାରେ ଗତକାଲି ଦିନ ୧୧ଟା ୪୫ ମିନିଟ ସମୟରେ ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ପୋଲିସ ଖବର ପାଇଥିଲା ଯେ, ଶାନ୍ତିପଡା ଛକର ରମେଶ ବାଗ ନାମକ ଜଣେ ବ୍ୟକ୍ତି ତାର ପାନ ଦୋକାନରେ ଅବୈଧ ଭାବରେ କଫ ଶିରପ ବିକ୍ରି କରୁଛି । ଏହି ଖବର ପାଇ ସେମାନେ ରେଡ କରି ଉକ୍ତ ବ୍ୟକ୍ତିକୁ ଧରିଲେ ଓ ତାଙ୍କ ଠାରୁ ୮ ଟି ସିଲ ଥିବା କଫ ଶିରପ ବୋତଲ, ଗୋଟିଏ ଷ୍ଟ୍ରିପ ଆଲପାଜୋଲମ ଟାବଲେଟ ଯହିଁରେ ୬ ଗୋଟି ଟାବଲେଟ ଥାଇ, ଗୋଟିଏ ପାଣି ବୋତଲ ଯହିଁରେ ପ୍ରାୟ ୫୦୦ ମି.ଲି. ନାରଙ୍ଗି ରଙ୍ଗ ପାଣି, ଗୋଟିଏ ଲୁଜ ଏସକାଫ କଫ ଶିରପ ଯହିଁରେ ପ୍ରାୟ ୫୦ ମି.ଲି. ଶିରପ ଥାଇ ଯୁବକ ଠାରୁ ଜବତ କରିଥିଲେ । ପରେ ତାର ନାମ ପଚାରିବାରେ ସେ ତାର ନାମ ରମେଶ ବାଗ (୩୩) ପି-ଅଭିମନ୍ୟୁ ବାଗ, ନି–ଶାନ୍ତିପଡା, ଥାନା-ଟାଉନ, ଜିଲ୍ଲା-ବଲାଙ୍ଗୀର କହିଥିଲେ । ଏଣୁ ଉକ୍ତ ଜିନିଷ ସବୁକୁ ଏ.ଏସ.ଆଇ ମମତା ପ୍ରଧାନ ଜବତ କରି ଯୁବକ ଜଣକୁ ଥାନାକୁ ଆଣି ରିପୋର୍ଟ କରିଥିଲେ । ତଦନ୍ତକାରୀ ପୋଲିସ ଅଧିକାରୀ ଏଏସଆଇ ଅକ୍ରୁର ପାତ୍ର ଏହାର ତଦନ୍ତ କରି ଅଭିଯୁକ୍ତ ରମେଶ ବାଗକୁ ଅଦାଲତଙ୍କ ସମ୍ମୁଖରେ ହାଜର କରାଯାଇଥିଲା ବୋଲି ଟାଉନ ଥାନା ଅଧିକାରୀଙ୍କ ସୂତ୍ରରୁ ଖବର ମିଳିଛି ।

## ଜିଲ୍ଲା ସ୍ତରୀୟ ରେଡକ୍ରସ ବୈଠକ

ଖୋର୍ଦ୍ଧା, (ପି.ଏନ): ଶୁକ୍ରବାର ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ରେଡକ୍ରସ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୨୦୨୨ ମସିହାରେ ରେଡ୍‌କ୍ରସ ଟଙ୍କାର ସମୀକ୍ଷା କରାଯାଇଛି । ତେବେ ରେଡ଼କ୍ରସ ପାଇଁ ବ୍ୟାଙ୍କରେ କେଉଁ ପ୍ରକାରର ଜମା ତଥା ଫିକ୍ସ ଓ ସେଭିଂସ ଜମା କରାଯାଇଛି ସେ ନେଇ ଜିଲ୍ଲାପାଳ ଆଲୋଚନା କରିଥିଲେ । ଏପରିକି କେତେ ଫିକ୍ସ ଜମା କରାଯାଇ ପାରିବ ସେନେଇ ଜିଲାପାଳ ବିଭିନ୍ନ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ପୁରୁଣା ରସିଦ ବହି ଫେରାଇ ନୂଆ ରସିଦ୍ ବହି ନେବାକୁ ସମସ୍ତ ବିଭାଗକୁ ଅନୁରୋଧ କରିଥିଲେ । ତେବେ ସାଧାରଣ ଲୋକଙ୍କ ହିତ ସାଧନ ପାଇଁ ରସିଦ ବହିରେ ଟଙ୍କା ପାଇବାର ୧୫ ଦିନ ମଧ୍ୟରେ ରେଡ଼କ୍ରସ ପାଣ୍ଠିକୁ ହସ୍ତାନ୍ତର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପୋଲିସ ବିଭାଗକୁ ରେଡ଼କ୍ରସ ପାଣ୍ଠି ସଂଗ୍ରହ ପାଇଁ କିଛି ରସିଦ ବହି ଦେବା ପାଇଁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନୁରୋଧ କରିଥିଲେ । ତେବେ ରେଡ଼କ୍ରସ ପାଣ୍ଠି ଆଦାୟ ପାଇଁ ଜୋର ଜବରଦସ୍ତ ନକରିବାକୁ ପରାମର୍ଶ ଦେଇଥିଲେ । ଏହା କେବଳ ଜନ ସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ ଅଟେ ବୋଲି ଜିଲ୍ଲାପାଳ କହିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପ. ଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠି, ମୁଖ୍ୟ ଚିକିତ୍ସା ଅଧିକାରୀ ଆର୍ତବନ୍ଧୁ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକକୁ ପରିଚାଳନା କରିଥିଲେ ଡେପୁଟି କଲେକ୍ଟର ଉର୍ମିପ୍ରଭା ମହାରଣା ।

## ବେଲଘର ଆବାସିକ ସରକାରୀ ଉଚ୍ଚ ବିଦ୍ୟାଳୟ ଅନ୍ତେବାସୀ ଛାତ୍ରଙ୍କୁ କାର୍ଯ୍ୟରେ ନିୟୋଜିତ କରୁଥିବା ଅଭିଯୋଗ

କନ୍ଧମାଳ, (ପି.ଏନ): ରାଜ୍ୟ ସରକାର ଦଳିତ, ଜନଜାତି ଗରିବ ଛାତ୍ରଛାତ୍ରୀଙ୍କୁ ଏକ ଉତମ ପରିବେଶ ମଧ୍ୟରେ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ବିଦ୍ୟାଳୟମାନ ସ୍ଥାପନ କରିଛନ୍ତି । ଗରିବ ଅଭିଭାବକ ଗଣ ମଧ ଏହି ବିଦ୍ୟାଳୟ ଓ ଶିକ୍ଷକମାନଙ୍କ ଉପରେ ଆସ୍ଥା ପ୍ରକଟ କରି ନିଜ କୋମଳମତି ସନ୍ତାନସନ୍ତତିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଆବାସିକ ବିଦ୍ୟାଳୟରେ ଅଧ୍ୟୟନ ନିମନ୍ତେ ଛାଡୁଛନ୍ତି । କିନ୍ତୁ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ଦୁର୍ଗମ ବେଲଘର ଅଂଚଳରେ ସ୍ଥାପିତ ଅନୁସୂଚିତ ଜାତି ଓ ଜନଜାତି ଅଧିନସ୍ଥ ଆବାସିକ ଉଚ୍ଚ ବିଦ୍ୟାଳୟରେ ଆଦିମ ଜନଜାତି କୁଟିଆକନ୍ଧ ସମ୍ପ୍ରଦାୟର ଅନ୍ତେବାସୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ଶିକ୍ଷକ ମାନେ କରୁଥିବା ଅଭିଯୋଗ ହୋଇଛି । ପ୍ରଧାନ ଶିକ୍ଷୟତ୍ରୀ ତଥା ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀଙ୍କ ବ୍ୟକ୍ତିଗତ କାର୍ଯ୍ୟରେ ଛାତ୍ରଛାତ୍ରୀଙ୍କୁ ବାଧ୍ୟତାମୂଳକ ଭାବେ ନିୟୋଜିତ କରାଯାଉଥିବା କଥା ନିଜ ନାମ ଗୋପନ ରଖିବାକୁ ଅନୁରୋଧ କରି କିଛି ଛାତ୍ର ଅଭିଯୋଗ କରିଛନ୍ତି । ମଙ୍ଗଳବାର ଦିନ ବେଲଘର ଠାରୁ ୨୫ କି.ମି ଦୂର ତୁମୁଡିବନ୍ଧ ବଜାରକୁ ଆସି କିଛି ଛାତ୍ର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ପାଇଁ ରାସନ ସାମଗ୍ରୀ କ୍ରୟ କରି ପ୍ରତୀକ୍ଷା ନାମକ ଏକ ବେସରକାରୀ ବସ ଯୋଗେ ନେଇଯାଉଥିବା ଦେଖିବାକୁ ମିଳିଥିଲା ଏବଂ ଏହି ସମୟରେ ସମସ୍ତ ବିଷୟ ବଖାଣିଥିଲେ ଛାତ୍ର ଗଣ । ତେବେ ଏହି ସଂକ୍ରାନ୍ତରେ ବେଲଘର ଆବାସିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରାଧାରାଣୀ ଦିଗାଳଙ୍କ ଠାରୁ ପ୍ରତିକ୍ରିୟା ପଚାରିବାରୁ ମୁଁ କିଛି ଜାଣି ନାହିଁ କି କିଛି କହିପାରିବିନି ବୋଲି କହିଥିଲେ । ସେହି ଛାତ୍ର ଗଣ ତୁମୁଡିବନ୍ଧ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାକୁ ନିଜ ନିଜର ସଂଚୟ ଖାତା ହିସାବ ଜାଣିବା ପାଇଁ ଆସିଥିଲେ ଏବଂ ଯଦି କିଛି ସାମଗ୍ରୀ ନେଇଥିବେ ତେବେ ସେହି ବିଷୟରେ ମୁଁ ଜାଣି ନାହିଁ ବୋଲି ପ୍ରଧାନ ଶିକ୍ଷୟତ୍ରୀ ମୋତେ କୈଫତ କହିଛନ୍ତି ବୋଲି ସ୍ଥାନୀୟ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୃନ୍ଦାବନ ମହାପାତ୍ର କହିଛନ୍ତି । ତେବେ ଏହି ଘଟଣାର ସଠିକ ତଦନ୍ତ କରାଯାଇ ନିରୀହ ଆଦିମ ଜନଜାତି ଓ ଦଳିତ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ଦାବୀ କରିଛନ୍ତି ।

## ମାଲକାନଗିରି ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦିଆନଗଲେ ଜିଲ୍ଲା ବ୍ୟାପୀ ବନ୍ଦ ପାଳନ କରାଯିବ : ଜିଲ୍ଲା କଂଗ୍ରେସ

ମାଲକାନଗିରି, (ପି.ଏନ): ବୁଧବାର ଦିନ ମାଲକାନଗିରି ଜିଲ୍ଲା ଗସ୍ତରେ ଆସିଥିଲେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ରୋହିତ ପୂଜାରୀ । ମନ୍ତ୍ରୀଙ୍କ ଗସ୍ତ ସମୟରେ ରାସ୍ତା ପାର୍ଶ୍ୱରେ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ ଗସ୍ତକୁ କଳାପତାକା ଦେଖାଇ ବିରୋଧ କରିଥିଲେ । କଳାପତାକା ଦେଖାଇ ମନ୍ତ୍ରୀଙ୍କୁ ଗୋବ୍ୟାକ ଗୋବ୍ୟାକ ନାରା ଦେଇଥିଲେ । ଯଦିଓ ମନ୍ତ୍ରୀ ରୋହିତ ପୂଜାରୀଙ୍କ ସୁରକ୍ଷାରେ ଥିବା ପୋଲିସ ଏହି ଘଟଣାକୁ ଦେଖିଥିଲେ । ତଥାପି ଏହି ଘଟଣା ଅତି ସାଧାରଣ ଭାବରେ ଦେଖାଯାଇଥିଲା । ମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ ଘଟଣାରେ ତିନି ଯୁବ କଂଗ୍ରେସ କର୍ମୀଙ୍କୁ ଆଜି ଘରୁ ଉଠାଇନେଇଛି ମାଲକାନଗିରି ପୋଲିସ ।

ଏହାର ସ୍ପଷ୍ଟିକରଣ ଦେବାକୁ ଯାଇ ଜିଲ୍ଲା କଂଗ୍ରେସ କମିଟି ସଭପତି ଗୋବିନ୍ଦ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି ଯେ, ଦୀର୍ଘ ୨୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ମାଲକାନଗିରି ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରାଯାଇନାହିଁ । ସେହିପରି ଜିଲ୍ଲାରେ ଗୋଟିଏ ମାତ୍ର ବିଇଡି କଲେଜର ବିଲ୍ଡିଂ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ମାଣ କରାଯାଇଥିଲେ ମଧ ବର୍ତମାନ ସୁଦ୍ଧା ଏହା ଚାଲିଲା ନାହିଁ । ଫଳରେ ଏହା ଭୂତକୋଠି ଭଳି ପଡ଼ିରହିଛି । ତେଣୁ ରାଜ୍ୟ ସରକାରଙ୍କ ଶିକ୍ଷାମନ୍ତ୍ରୀଙ୍କୁ ବୁଧବାର ଦିନ ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ କଳା ପତାକା ଦେଖାଇ ବିରୋଧ କରାଯାଇଥିଲା । ଆଗାମୀ ଦିନରେ ମାଲକାନଗିରି ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ ନକଲେ ଏବଂ ବିଇଡି କଲେଜକୁ କାର୍ଯ୍ୟକ୍ଷମ କରାନଗଲେ ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରାଯିବା ସହ ଜିଲ୍ଲା ବ୍ୟାପୀ ବନ୍ଦ ପାଳନ କରାଯିବ ବୋଲି ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେବା ସମୟରେ ଜି. ଶ୍ରୀନିବାସ ରାଓ, ପଦ୍ମ ପାଙ୍ଗି, କେଶୁ ରାଓ, ଭୀମା ଓ୍ୱରସେ, ଇସାକ ଖୋସଲା ଓ ଅନ୍ୟ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## ବିଶ୍ୱ ପ୍ରସିଦ୍ଧ ବିର୍ସାମୁଣ୍ଡା ଷ୍ଟାଡିୟମ ସମ୍ମୁଖରେ ଥିବା ଗଛ ସବୁ ମରିଗଲାଣି

ରାଉରକେଲା, (ପି.ଏନ): ରାଉରକେଲା ସହରରେ ତିଆରି ହୋଇଥିବା ବିଶ୍ୱପ୍ରସିଦ୍ଧ ବିର୍ସାମୁଣ୍ଡା ଷ୍ଟାଡିୟମରେ ଆର୍ନ୍ତଜାତିକ ହକି ଖେଳ ସରିବାର ମାସେ ପୁରିଛି କି ନାହିଁ ଏହି ଷ୍ଟାଡିୟମରେ ସମ୍ମୁଖ ଭାଗରେ ଥିବା ଗଛ ଗୁଡିକ ମରିବା ଆରମ୍ଭ କରିଛି ଓ ଅନେକ ଗଛ ମରି ସାରିଲାଣି । ମାତ୍ର ୧୫ ମାସରେ ତିଆରି ହୋଇଥିବା ଏହି ଷ୍ଟାଡିୟମରେ ଏବେବି କିଛି କାମ ଲାଗିରହିଥିବା ବେଳେ ଏହାର ସୌନ୍ଦର୍ଯ୍ୟକୁ ଦେଖୁଥିବା କିଛି ଲୋକଙ୍କର ଏହା ଉପରେ ନଜର ପଡିଥିଲା । ଏହି ସବୁ ଗଛ ଫାଟକ ନମ୍ବର ୫ରୁ ନେଇ ଫାଟକ ନମ୍ବର ୧୦୨ ଯାଏ ରହିଛି । ତେବେ ଏସବୁ ବଡ ବଡ ଗଛକୁ ଆଣି ସହରର ସୁନ୍ଦରତା ବଢାଇବା ଲାଗି ଷ୍ଟାଡିୟମ ଓ ସହରର ରିଂ ରୋଡ ମଝିରେ ଥିବା ଡିଭାଇଡର ଭିତରେ ଲଗାଯାଇଥିଲା । ଏଥିଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ ମଧ କରାଯାଇଥିଲା, ତେବେ ହକି ଖେଳ ଭିତରେ ଏସବୁ ଗଛ ସମେତ ରାସ୍ତା ଓ ଗ୍ରିଲ ଗୁଡିକରେ ପାଣି ଦିଆଯାଇ ଏସବୁକୁ ସଫା ଓ ଜୀବିତ ରଖାଜିବାକୁ ଉଦ୍ୟମ ହେଉଥିଲା, କିନ୍ତୁ ଖେଳ ଶେଷ ପରେ ବିଦେଶୀ ଚାଲିଗଲେ, ଭିଆଇପି ମଧ ଉଡାଯାହାଜରେ ଉଡିଗଲେ, ତା ପରେ ଏସବୁର ଦେଖାରେଖା ବନ୍ଦ ହୋଇଯାଇଛି । ଫଳରେ ଦୁଇ ରାସ୍ତା ମଝିରେ ଲଗା ଯାଇଥିବା ଗଛ ଗୁଡିକୁ ଉପାଡି ନିଆଯାଉଥିବା ବେଳେ, ଅନେକ ଗଛ ମଲା ଗଲା ହେଲାଣି, ଆଉ କିଛି ଗଛ ମଲାଣି । ତେବେ ଆଶା କରାଯାଉଥିଲା ଷ୍ଟାଡିୟମ ସମ୍ମୁଖ ଗଛ ବଂଚିକି ରହିବ, କିନ୍ତୁ ଏଥିରେ ପାଣି ଦିଆ ନଦ୍ଦିବାରୁ ଏସବୁ ମରିଯାଉଛି । ସେହିପରି ସହରର ବିଭିନ୍ନ ଯାଗାରେ ଲଗାଯାଇଥିବା ପାଇପ ଗୁଡିକୁ କଂଟା ବାଲା କାଟି ଚୋରୀ କରି ନେଉଥିବା ବେଳେ ଗ୍ରୀଲ ମଧ ଚୋରୀ ଚାଲିଛି । ବିମାନବନ୍ଦର ପାଖରୁ ବାରମ୍ବାର ଗ୍ରିଲ ଚୋରି ହେଉଛି । ହକି ସରିବା ପରେ ପୁଣି ରାଉରକେଲାକୁ କିଛି ଲୋକ ଓ ବ୍ୟବସ୍ଥାର ନିରବତା ପୁରୁଣା ଅବସ୍ଥାକୁ ନେଇ ଆସିବ, ଯାହା ଲୋକେ କହୁଥିଲେ ତାହା ପ୍ରବଳ ପ୍ରଦୁଷଣ କୁଆଁରମୁଣ୍ଡା, ବେଦବ୍ୟାସ ଅଂଚଳରୁ ଆସି ରାଉରକେଲା ସହରକୁ ଘେରି ସାରିଥିବା ବେଳେ ରାଉରକେଲା ଇସ୍ପାତ କାରଖାନାର ରଙ୍ଗ ବେରଙ୍ଗ ଧୂଆଁ ବନ୍ଦ ହେବାର ନାଁ ନେଉନି । ତାପରେ ଗଛ ମରିଯାଉଛି ଲୁହା କାଟି ନିଆଯାଉଛି, ଦେଖିବା ଲାଗି କେହି ନାହିଁ ।

## ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଢେଙ୍କାନାଳ, (ପି.ଏନ): ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ) ଏବଂ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ଏଡିଏମଓ)ଙ୍କୁ ଘେରିଛନ୍ତି ଢେଙ୍କାନାଳ ଜିଲ୍ଲା ବଣିକ ସଂଘ, ଓକିଲ ସଂଘ, ସାମ୍ବାଦିକ ସଂଘର କର୍ମକର୍ତା ଓ ବୁଦ୍ଧିଜିବୀ । ଆଜି ସକାଳେ ଏମାନେ ହଠାତ୍ ମିଳିତ ଭାବେ ମେଡ଼ିକାଲରେ ପହଂଚି ବର୍ହି ବିଭାଗ (ଓପିଡି) ଏବଂ ବିଭିନ୍ନ ବିଭାଗ ବୁଲି ଦେଖିବା ସହ ରୋଗୀଙ୍କ ସହିତ କଥା ହୋଇଥିଲେ । ସେମାନଙ୍କର ବିଭିନ୍ନ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଏନେଇ ରୋଗୀଙ୍କ ସହ କଥାବାର୍ତା ପରେ ସମସ୍ୟାର ସମାଧାନ ଦାବିରେ ସିଡ଼ିଏମଓ, ଏଡିଏମଓଙ୍କୁ ପ୍ରାୟ ୧ ଘଂଟା କାଳ ଅଟକ ରଖିଥିଲେ ସଂଘର କର୍ମକର୍ତା । ଏପରିକି ମେଡ଼ିକାଲରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁଧାର ନଆସିଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି ସଂଘ । ଏଠାରେ ଉଲ୍ଲେଖଯୋଗ୍ୟ, ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଠିକ୍ ସମୟରେ ଆସୁନଥିବା, ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁନଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା । ଆଜି ସଂଘର ସଦସ୍ୟ ମାନେ ଡାକ୍ତରଖାନା ପରିଦର୍ଶନ ସମୟରେ ମଧ ଏ କଥା ଅନୁଭବ କରିଥିଲେ ।

## କଳା ସାମ୍ରାଜ୍ୟ ରେ ଚାଲିବ ବୁଲ ଡୋଜର: ଚୁକ୍ତିର ଖିଲାପ କରି ହୋଇଛି ଆର୍ଯ୍ୟ ମ୍ୟାରେଜ ପ୍ୟାଲେସ

ବଲାଙ୍ଗୀର, (ପି.ଏନ): ବଲାଙ୍ଗୀର ପ୍ରଶାସନ ଓ ପୋଲିସ ଅଭ୍ୟାସଗତ ଅପରାଧୀ ଙ୍କ କଳାସାମ୍ରାଜ୍ୟ ଉପରେ ବୁଲ ଡୋଜର ଲଗାଉଛି । ଗତ ଗୋଟିଏ ସପ୍ତାହ ମଧ୍ୟରେ ୫ଜଣ ଅପରାଧୀଙ୍କ ବେଆଇନ ନିର୍ମଙ୍କୁ ପୋଲିସ ଭଙ୍ଗାଇଛି । ଫଳରେ ଅପରାଧୀଙ୍କ ମଧ୍ୟରେ ଭୟ ଜାତ ହୋଇଛି ।ଆଜି ଟିଟିଲାଗଡ ରୋଡରେ ଥିବା ଆର୍ଯ୍ୟ ପେଲେସରେ ପ୍ରଶାସନ ମାପଚୁପ ଆରମ୍ଭ କରିଛି । ଇଡକୋ ଜମିକୁ ଲିଜରେ ନେଇ କୁଖ୍ୟାତ ଅପରାଧି ଚିତ ମହାନ୍ତି ବେଆଇନ ଭାବରେ ମେରେଜପେଲେସ ନିର୍ମାଣ କରି ବ୍ୟବସାୟ କରୁଥିଲା । ଇଡକୋ ବିଭାଗରୁ ମୋଟ ୦.୧୯୭ ଏକର ଜମି ଲିଜରେ ନେଇଥିବା ବେଳେ ସେଠାରେ ମହାଲକ୍ଷ୍ମୀ ସିମେଣ୍ଟ ୱାର୍କ କରିବାକୁ ଚୁକ୍ତି କରିଥିଲା । ୨୦୦୮ ମସିହାରୁ ନେଇଥିବା ଉକ୍ତ ଜମି ବ୍ୟତିତ ପାଖରେ ଥିବା ପ୍ରାୟ ଅଧଏକର ଅଧିକ ଜମି ବେଆଇନ ଭାବରେ ଜବରଦଖଲ କରିଛି । ଚୁକ୍ତି ଖିଲାପ କରିଥିବା ତଥା ବେଆଇନ ଜବରଦଖଲ କରିଥିବା ନେଇ ଇଡକୋ ପକ୍ଷରୁ ଚିତ ମହାନ୍ତିକୁ ନୋଟିସ ହୋଇଥିଲା । ଶେଷରେ ଆଜି ଇଡକୋର ବଲାଙ୍ଗୀର ଡିଭିଜ ମୁଖ୍ୟ ନୀଳମଣୀ ଦ୍ୟାନଚାନ୍ଦ ତାଙ୍କ ବିଭାଗର ଯନ୍ତ୍ରୀମାନଙ୍କୁ ନେଇ ମାପଚୁପ କରିଛନ୍ତି । ବଲାଙ୍ଗୀର ତହସିଲଦାର ଡ.ପୁଷ୍ପାଞ୍ଜଳି ପଣ୍ଡା, ସଦର ଏସଡିପିଓ ତୁଫାନ ବାଗ, ଆଦର୍ଶଥାନାର ଆଇଆଇସି କେ.ପ୍ରୀୟାଙ୍କା ରାଉତରାୟ, ସଦର ଆଇଆଇସି ଶ୍ରୀକାନ୍ତ ସାହୁଙ୍କ ଉପସ୍ଥିତିରେ ଏହାକୁ ତନ୍ନତନ୍ନ କରି ଯାଂଚ କରାଯାଇଛି । ଆଇନଗତ ପଦକ୍ଷେପ ପରେ ଏହି ବେଆଇନ ନିର୍ମାଣକୁ ସିଲ କରାଯାଇ ପରେ ଜବରଦଖଲ ମୁକ୍ତ କରାଯିବ ବୋଲି ବଲାଙ୍ଗୀର ଇଡକୋ ଡିଭିଜନର ମୁଖ୍ୟ ଶ୍ରୀ ଦ୍ୟାନଚାନ୍ଦ ସୂଚନା ଦେଇଛନ୍ତି । ଚିତ ମହାନ୍ତି ବଲାଙ୍ଗୀରର ଜଣେ ଜଣାଶୁଣା ଅଭ୍ୟାସଗତ ଅପରାଧି । ସେ ଅନନ୍ତ ନାଥ ହତ୍ୟାକାଣ୍ଡ ଠୁ ନେଇ ଗତ କିଛିମାସ ତଳେ ଗାଡିଦୁର୍ଘଟଣା ଘଟାଇ ଜଣକୁ ହତ୍ୟା ଉଦ୍ୟମ କରିବା ପର୍ଯ୍ୟନ୍ତ ରେକର୍ଡ କରିଛନ୍ତି । ବଲାଙ୍ଗୀର ଜିଲ୍ଲା ଠିକା ଟେଣ୍ଡର ଫିକ୍ସିଂ, ବେଆଇନ ଅପରାଧୀଙ୍କୁ ଦମନ କରିବା ପାଇଁ ଆଜି ଆର୍ଯ୍ୟ ପେଲେସକୁ ପ୍ରଶାସନ ଆଜି ସିଲ୍ କରୁଛି ।

## ବାଲିଗୁଡ଼ାରେ ବଡ଼ ଧରଣର ଲୁଟ୍, ଘରେ କେହି ନଥିବା ବେଳେ କଳାକନା ବୁଲାଇଲେ ଲୁଟେରା

କନ୍ଧମାଳ, (ପି.ଏନ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ସୁନାପାଙ୍ଗା ସାହିରେ ବଡ଼ ଧରଣର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ସୁନାପାଙ୍ଗା ସାହିର ସ୍ୱପ୍ନେଶ୍ୱର ସାହୁଙ୍କ ଘରୁ ବଡ଼ ଧରଣର ଲୁଟ୍ ହୋଇଥିବା ବାଲିଗୁଡ଼ା ଥାନାରେ ଅଭିଯୋଗ ହୋଇଛି । ଘଟଣା ପ୍ରକାରେ ସ୍ୱପ୍ନେଶ୍ୱର ସାହୁ ନିଜ ପରିବାର ସହ ଦୁଇଦିନ ପାଇଁ ଭଞ୍ଜନଗର ସ୍ଥିତ ନିଜ ସମ୍ପର୍କୀୟଙ୍କ ଏକ ଭୋଜିରେ ଯୋଗ ଦେବାକୁ ଯାଇଥିଲେ । ସେଠାରୁ ସେ ଭୂବନେଶ୍ୱର ଯାଇଥିଲେ । ଦୁଇଦିନ ପରେ ଅର୍ଥାତ୍ ଗତକାଲି ସନ୍ଧ୍ୟା ସମୟରେ ଘରକୁ ଫେରିଥିବା ବେଳେ ଘରର ମୁଖ୍ୟ କବାଟ ତାଲା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ । ଏହାପରେ ବାଲିଗୁଡ଼ା ପୋଲିସକୁ ସୂଚନା ଦେଇଥିଲେ । ଖବରପାଇ ପୋଲିସ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ବେଳେ ଆଜି ସନ୍ଧାନି କୁକୁର ଓ ସାଇଂଟିଫିକ୍ ଟିମ୍ ପହଂଚି ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି । ଗତ କିଛିଦିନ ହେବ ବାଲିଗୁଡ଼ା ଅଂଚଳରେ ଚୋରି, ଡକାୟତି ଘଟଣା ବୃଦ୍ଧି ପାଉଥିବା ବେଳେ ଅଂଚଳବାସୀ ଏକ ପ୍ରକାର ଭୟଭୀତ ଅବସ୍ଥାରେ ଥିବା ଜଣାପଡ଼ିଛି । ସ୍ୱପନେଶ୍ୱରଙ୍କ ଘରୁ ପ୍ରାୟ ୪୨ ଭରି ସୁନା, ପାଖାପାଖି ୫କେଜିର ରୂପା ଓ ନଗଦ ଅଢ଼େଇ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିବା ଜଣାପଡ଼ିଛି ।


2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Sunday February 26, 2023 ଭୁବନେଶ୍ବର ରବିବାର, ଫେବୃଆରୀ ୨୬,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ପୁସ୍ତକ ଅଧ୍ୟୟନ ରତ ବ୍ୟକ୍ତି ଜଣେ ସଂସ୍କୃତି ସମ୍ପନ୍ନ ମଣିଷ ହୋଇଥାଏ




ଖୋର୍ଦ୍ଧା:,(ପି.ଏନ): ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ 'ପଲିଶ୍ରୀ' ମେଳାର ପଂଚମ ଦିବସରେ " ଆମରି ସତ୍ୟ", " ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜ", ଓ " ମାର୍ଗଦର୍ଶୀ", ଅନୁଷ୍ଠାନର ମିଳିତ ଆନୁକୂଲ୍ୟ ରେ " ପୁସ୍ତକ ଅଧ୍ୟୟନ ର ଉପାଦେୟତା" ଉପରେ ଏକ ଆଲୋଚନା ଚକ୍ର ସ୍ତମ୍ଭକାର ତଥା ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ନାରାୟଣ ରାଓ ଯୋଗଦେଇ କହିଥିଲେ ଜଣେ ଉତ୍ତମ ଲେଖକ ହେବାପାଇଁ ଜଣେ ଉତମ ପାଠକ ହେବା ନିତ୍ୟାନ୍ତ ଆବଶ୍ୟକ। ଆଜିର ପଲିଶ୍ରୀ ମେଳାରେ ଆୟୋଜିତ ପୁସ୍ତକ ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପାଠକ ମାନଙ୍କ ହୃଦୟରେ ପାଠକୀୟ ସ୍ରଦ୍ଧା, ସାରସ୍ୱତ ପରିବେଶ, ଓ ସୃଜନଶୀଳତା ସୃଷ୍ଟି କରିବା। ଅନୁବାଦ ସାହିତ୍ୟ ଉପରେ ଆମେ ବିଶେଷ ଦୃଷ୍ଟି ଦେବା ଦରକାର । ପୁସ୍ତକ ପଠନ ଦ୍ୱାରା ଜଣେ ମାର୍ଜିତ ହୋଇଥାଏ। ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ଡ. ଶରତଚନ୍ଦ୍ର ମହାପାତ୍ର କହିଲେ ଆଗ କାଳରେ ବିଶେଷ ଭାବରେ ଶିକ୍ଷାର ସେତାଟା ପ୍ରସାର ନଥିଲେ ମଧ୍ୟ ବିଭିନ୍ନ କାଳଜୟୀ କାବ୍ୟ, କବିତା, ଗଳ୍ପ, ବାଣୀ ଭଣ୍ଡାରକୁ ବୃଦ୍ଧିମନ୍ତ କରିଛି। ସେ କହିଥିଲେ ପୁସ୍ତକ ଅଧ୍ୟୟନ ମଣିଷକୁ ସାହିତ୍ୟ, ସଂସ୍କୃତି, ପରମ୍ପରା, ଐତିହ୍ୟ, ଇତିହାସ, ଧର୍ମ, ବିଜ୍ଞାନ,ସହିତ ପରିଚୟ କରାଇଥାଏ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖୋର୍ଦ୍ଧା ସାହିତ୍ୟ ସମାଜ ର ସଭାପତି ଡ.ସୁରେଶ ଛୋଟରାଏ କହିଥିଲେ ମା କୋଳରୁ ପିଲାଟି ମାତୃଭାଷା ଶିକ୍ଷା କରିଥାଏ. ,ଐତିହାସିକ ସତ୍ୟବାଦୀ ବଳିଆର ସିଂହ ବିଭିନ୍ନ ରାଜ୍ୟ ତଥା ଭାଷାର ପଠନରେ କିପରି ଜଣେ ଜ୍ଞାନ ଗ୍ରହଣ କରିଥାଏ ମତ ପ୍ରଦାନ କରିଥରଲେ, ଶିକ୍ଷାବିତ ତ୍ରିଲୋଚନ ମହାପାତ୍ର କହିଥିଲେ ଆମେ ଘରଟିଏ କଲାବେଳେ ବିଭିନ୍ନ ସୁବିଧାକରୁଛୁ ମାତ୍ର ଜନେ କେହି ହେଲେ ପାଠ ଗୃହ ଟିଏ କରିବାକୁ ଆଗଷ ପ୍ରକାଶ କରୁନୁ ତେଣୁ ପାଠକୀୟ ସଂଖ୍ୟା କୁ ବୃଦ୍ଧି କରିବା ପାଇଁ ଆମେ ବିଶେଷ ଭାବରେ ପଠନ ଉପରେ ଧ୍ୟାନ ଦେବା ଦରକାର। ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ କହିଲେ ପ୍ରତ୍ୟେକ ପରିବାର ନିଜ ଶିଶୁ ବା ସନ୍ତାନ ମାନଙ୍କୁ ପିଲାଟି ବେଳୁ ଅଧ୍ୟୟନର ଉପାଦେୟତା ଉପରେ ଶିକ୍ଷାଦେବା ଦରକାର, ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜ ର ସମ୍ପାଦକ ଜ୍ଞାନରଂଜନ ଦାଶ, ଶିକ୍ଷାବିତ ଡ.ପ୍ରଫୁଲ ସାମନ୍ତରାଏ, ଉତ୍କଳ ସାମ୍ବାଦିକ ସଂଘର ସଭାପତି ପ୍ରଭାତ ମିଶ୍ର, ଖବରଦାତା ପ୍ରଭାତ ପାଣିଗ୍ରାହୀ, ଯୋଗଦେଇ ପୁସ୍ତକ ଅଧ୍ୟୟନ ଓ ଏହାର ସଫଳତାର ବିଭିନ୍ନ ଦିଗ ଉପରେ ଆଲୋକ ପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡ. ଚପଳା ପଣ୍ଡା, ଡ. ବୃନ୍ଦାବନ ପଣ୍ଡା, ଅଧ୍ୟାପିକା ଡ. ରଶ୍ମି କର, ପଦ୍ମନାଭ ମହାପାତ୍ର, ଡ. ନୀଳାଦ୍ରିନାଥ ଜଗଦେବ, ଶିକ୍ଷୟତ୍ରୀ ବୈଜୟନ୍ତି ସାହୁ, ଶିକ୍ଷାବିତ ନଟବର ସ୍ୱାଇଁ, କିଶୋର ଚନ୍ଦ୍ର ପାଇକରାୟ, କବି ଗୋବିନ୍ଦ ମହାରାଣା, କବି ବିଭୁ ହରିଚନ୍ଦନ ପ୍ରମୁଖ ଆଲୋଚ୍ୟ ବିଷୟ ଉପରେ ନିଜର ସୁଚିନ୍ତିତ ମତ୍ତ ପ୍ରଦାନ କରିଥିଲେ। ସଭାପତି ପ୍ରସାଦ ନିଜର ସଭାପତୀୟ ଅଭିଭାଷଣରେ କହିଥିଲେ ସମାଜ ଉପରେ ପୁସ୍ତକ ଅଧ୍ୟୟନର ପ୍ରଭାବ ଅସୀମ ଓ ବ୍ୟାପକ। ଯୁଗ ଯୁଗର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ବାହକ ହେଉଛି ପୁସ୍ତକ। ପୁସ୍ତକ ପଠନ ଯୋଗୁ ମଣିଷ ସମାଜରୁ କୁସଂସ୍କାର, ଅନ୍ଧବିଶ୍ୱାସ ଦୂର କରିବାକୁ ସମର୍ଥ ହୋଇଥାଏ। ଶିକ୍ଷାବିତ ଜବାହାର ଲାଲ ସୁବୁଦ୍ଧି ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କବି ତଥା ଲେଖକ ସମରଜିତ୍ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗର ୩୧ତମ ବାର୍ଷିକ ଉତ୍ସବ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବକୁ ମହାବିଦ୍ୟାଳୟର ଅଧକ୍ଷ ଡ. ନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ପ୍ରାରମ୍ଭରେ ସେମିନାର ଉପଦେଷ୍ଟା ଗୀତାଳୀ ନାଏକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବିଭୁସ୍ମିତା ଧଳ ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଅନୀତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ପାର୍ଥସାରଥି ଶଙ୍ଖୁଆ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢି ଭଲ ମଣିଷ ହେବାପାଇଁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମମତା ମିଶ୍ର, ତନୁଶ୍ରୀ ପଣ୍ଡା, ଶ୍ରୀଲେଖା ସାହୁ, ମନୋରମା ନାଏକ, ଭାରତୀ ସାହୁ, ବିଜୟ କୁମାର ସାହୁ, ବିଶ୍ୱରନ ସାହୁ, ବିଶ୍ୱଜିତ ରାଉତ, ରାମଚନ୍ଦ୍ର ମଲ୍ଲିକ, ହେମା ଗୁପ୍ତା, ମଧୁସ୍ମିତା ସାହୁ, ଡ. ଶକ୍ତିପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମନୋରନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମଧୁବନ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ନିଗମାନନ୍ଦ ଭକ୍ତଙ୍କ ସ୍ମୃତିରେ ସ୍ମୃତିସ୍ତମ୍ଭ ନିର୍ମାଣ ଦାବୀ




ବାରିପଦା,(ପି.ଏନ): ବିଗତ ୨୬ ବର୍ଷ ତଳେ ମଧୁବନରେ ଆୟୋଜିତ ନିଗମାନନ୍ଦ ଭକ୍ତ ସମ୍ମିଳନୀର ଅନ୍ତିମ ଦିବସରେ ଘଟିଯାଇଥିବା ଭୟାବହ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ଶତାଧିକ ଭକ୍ତଙ୍କ ପ୍ରତି ବାରିପଦାବାସୀଗଭୀର ଶ୍ରଦ୍ଧାଂଜଳି ଅର୍ପଣ କରିଛନ୍ତି । ମଧୁବନ ଉନ୍ନୟନ ପରିଷଦ ତରଫରୁ ସ୍ଥାନୀୟଦୁର୍ଗା ମଣ୍ଡପ ପ୍ରାଙ୍ଗଣରେ ଆୟୋଜିତ ଶ୍ରଦ୍ଧାଂଜଳିସଭା ଓ ଦୀପ ଦାନ କାର୍ଯ୍ୟକ୍ରମରେ ବାରିପଦାର ବହୁ ବୁଦ୍ଧିଜୀବି, ରାଜନେତା ତଥା ଅଂଚଳବାସୀ ଯୋଗ ଦେଇ ଦିବଂଗତ ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଂଜଳି ଅର୍ପଣ କରିବା ସହିତ ସମୂହ ଦୀପଦାନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଘଟିଯାଇଥିବା ମର୍ମନ୍ତୁଦ ଅଗ୍ନିକାଣ୍ଡର ଭୟାବହତା ତଥା ଲୋମହର୍ଷଣକାରୀ ଘଟଣାର ସ୍ମୃତିଚାରଣ ତଥା ସେହି ଦୁର୍ଦ୍ଦିନରେ ବାରିପଦାବାସୀଙ୍କ ସେଚ୍ଛାକୃତ ସହାୟତା ସମ୍ପର୍କରେ ଉପସ୍ଥିତ ବୁଦ୍ଧିଜୀବି ତଥା ରାଜନେତାମାନେ ନିଜନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଅଗ୍ନିକାଣ୍ଡ ଘଟିଥିବା ସ୍ଥାନରେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରାଯିବା ପାଇଁ ବାରିପଦା ପୌରପରିଷଦ ଓ ଜିଲ୍ଲା ପ୍ରଶାସନ ନିକଟରେ ଦାବୀ କରାଯାଇଥିଲା । ମଧୁବନ ଉନ୍ନୟନପରିଷଦର ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଉକ୍ତ ସଭାରେ ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସାମ୍ବାଦିକ ସଂଜୟ ଚୌଧୁରୀ, ଶିକ୍ଷାବିତ ବିପ୍ଳବ ବୁଗୁଡେଇ, ଡ. ଶ୍ୟାମ ସୁନ୍ଦର ଦାସ, ଡ. ଯୋଗେନ୍ଦ୍ର ନାଥ ପଣ୍ଡା, ବାରିପଦା ବ୍ୟବସାୟୀ ସଂଘର ସଭାପତି ଅମିତାଭ ସାହୁ, ରଘୁନାଥ ପଣ୍ଡା, ପ୍ରଫେସର ଶାନ୍ତନୁ ଉପାଧ୍ୟାୟ, ଅଶୋକ ବାରିକ, ମାଣିକଲାଲ ପାଣି, ଜୟନ୍ତ ନାଏକ, ବିଜୟ କୁମାର ପାତ୍ର, କୁଳମଣି ପୃଷ୍ଟି, ଗୋବର୍ଦ୍ଧନ ନାଥ, ନନୀଗୋପାଳ ମହାନ୍ତି, ରବିନ୍ଦ୍ର ନାଥ ନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ହୋଇ ଦିବଂଗତଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣକରିଥିଲେ ।

# ଅବସର ପ୍ରାପ୍ତ ଶିକ୍ଷକ ମାନଙ୍କ ସମ୍ମାନାର୍ଥେ କ୍ରିକେଟ ପ୍ରତିଯୋଗିତା



ଚମ୍ପୁଆ,(ପି.ଏନ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଚିମିଳା ମିନି ଷ୍ଟାଡିୟମ ଠାରେ ଆଂଚଳିକ ସାଧନ କେନ୍ଦ୍ର ଚିମିଳା ଓ ଜାମୁଦଲକର ଶିକ୍ଷକ ମାନଙ୍କ ଦ୍ୱାରା ଏକ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଭୟ ଆଂଚଳିକ ସାଧନ କେନ୍ଦ୍ର ଅଧିନରେ ଥିବା ୨୪ ଗୋଟି ବିଦ୍ୟାଳୟର ଶିକ୍ଷକ ମାନେ ୨ ଗୋଟି ଦଳରେ ବିଭକ୍ତ ହୋଇ ଏହି ପ୍ରତିଯୋଗିତା ଭାଗନେଇଥିଲେ। ଚିମିଳା ଆଂଚଳିକ ସାଧନ କେନ୍ଦ୍ର ଦଳର ଶିକ୍ଷକ ହେମନ୍ତ କୁମାର ମହାନ୍ତଙ୍କ ନେତୃତ୍ୱରେ ପ୍ରଥମେ ବ୍ୟାଟିଙ୍ଗ ଆରମ୍ଭ କରାଯାଇଥିବା ବେଳେ ୧୦ ଅଭରରେ ୯୫ ରନ୍‌ରେ ଦଳ ଶିମିତ ରହିଥିଲା। ମାତ୍ର ପରେ ଜାମୁଦକ ଆଂଚଳିକ ସାଧନ କେନ୍ଦ୍ର ଦଳ ବ୍ୟାଟିଙ୍ଗ କରି ୯୦ ରନ କରିପାରିଥିଲା। ଏହି ବନ୍ଧୁତ୍ୱ ପୂର୍ଣ୍ଣ କ୍ରକେଟ ପ୍ରତିଯୋଗିତାରେ ଚିମିଳା ଦଳ ବିଜୟ ହୋଇଥିଲା।

## ନୀଳାଦ୍ରି ବିହାରରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ମହାନଗର ନିଗମ ୧୪ ନମ୍ବର ଓାର୍ଡର ନୀଳାଦ୍ରି ବିହାର ସେକ୍ଟର ୫ ଠାରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଯୁବନେତା ମନୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶା' କୁମାର ରାଉତ, ସମ୍ମାନୀତ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଧାୟକ ଶ୍ରୀଯୁକ୍ତ ରାଉତ କହିଥିଲେ ଓଡିଶାର ଜନପ୍ରିୟ, ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ସ୍ୱାସ୍ଥ୍ୟସେବାକୁ ଗରୁତ୍ୱ ଦେଇ ଆସୁଛନ୍ତି। ୫ଟି ମାଧ୍ୟମରେ ଓଡିଶାରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ହେବା ସହିତ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ଯାଉଛି।

# ଟ୍ରକ୍-ବସ୍ ମୁହାଁ ମୁହିଁ ଧକ୍କା; ଅଳ୍ପକେ ବର୍ତ୍ତିଲେ ଟ୍ରକ ଡ୍ରାଇଭର




ବାରିପଦା,(ପି.ଏନ): ବାରିପଦା ୧୮ ନମ୍ବର ଜାତୀୟ ରାଜପଥର ପାଲବଣୀ ବାଇପାସଠାରେ ଟ୍ରକ ଏବଂ ବସ ମୁହାଁ ମୁହିଁ ଧକ୍କା ହୋଇଛି । ବସ ଡ୍ରାଇଭର ଖସି ପଳାଇବାକୁ ସକ୍ଷମ ହୋଇଥିବା ବେଳେ ଟ୍ରକ ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ପିଆରଏମ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।ସୂଚ୍ନା ମୁତାବକ, ଶନିବାର ସକାଳେ ମଧୁସ୍ମିତା ନାମକ ଏକ ଯାତ୍ରୀବାହି ବସ ପାଲବଣୀ ବାଇପାସ ଦେଇ ରଙ୍ଗ ରୁଟରେ ମଞ୍ଛାବନ୍ଧା ଅଭିମୁଖେ ଯାଉଥିବା ବେଳେ ଗୁଜୁରାଟରୁ ଆସୁଥିବା ଟ୍ରକ ସହ ଧକ୍କା ହୋଇଥିଲା । ଫଳରେ କିଛି ସମୟ ଧରି ଟ୍ରକ ଡ୍ରାଇଭର ଟ୍ରକ ଭିତରେ ଚାପି ହୋଇ ରହିଯାଇଥିଲେ । ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର ହୋଇ ବର୍ତ୍ତମାନ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି । ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୁ ଟ୍ରକ ଓ ବସକୁ ହଟାଇଛି । ପାଲବଣୀ ବାଇପାସ ନିକଟରେ ଅଣ୍ଡର ପାସ ନଥିବାରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଛି । ପାଲବଣୀ ବାଇପାସଠାରେ ଏକ ଅଣ୍ଡର ପାସ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି ।

# ପାରାଦୀପରେ ବିଜୁ ପଟନାୟକ ଜୟନ୍ତୀ ମହୋତ୍ସବ ପାଇଁ ଚୂଡାନ୍ତ ପ୍ରସ୍ତୁତି ଶେଷ

ପାରାଦୀପ ,(ପି.ଏନ): ଆସନ୍ତା ମାର୍ଚ୍ଚ ୫ ତାରିଖ ଦିନ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହାନାୟକ ବିଜୟାନନ୍ଦ ପଟନାୟକ (ବିଜୁ ପଟନାୟକ) ୧୦୭ ତମ ଜନ୍ମ ଶତବାର୍ଷିକୀ ପାଳନ ସମଗ୍ର ରାଜ୍ୟରେ ପାଳନ କରାଯିବ । ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦରର ସ୍ରଷ୍ଟା ବିଜୁ ପଟନାୟକ ଙ୍କ ଜନ୍ମ ଜୟନ୍ତୀ କୁ ଆଡମ୍ବର ଓ ସଫଳତାର ସହ ନିର୍ଦ୍ଦଳୀୟ ଭାବେ ପାଳନ କରିବାକୁ ଜୋରଦାର ଉଦ୍ୟମ ଚ଼ଳାଇଛି ବିଜୁ ପଟନାୟକ ମେମୋରିଆଲ ଟ୍ରଷ୍ଟ । ଏହି ପରିପ୍ରେକ୍ଷୀରେ ଶନିବାର ଦିନ ଅପରାହ୍ନରେ ଟ୍ରଷ୍ଟ ର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଡ଼. ଦାମୋଦର ରାଉତ ଙ୍କ ଅଧ୍ୟକ୍ଷତା ରେ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଟ୍ରଷ୍ଟ ର ଉପଦେଷ୍ଟା ମାଗୁ ଚ଼ରଣ ନାୟକ, ଆଇନଜୀବୀ ସୁରେଶ ଚ଼ନ୍ଦ୍ର ଦାସ, ଉପସଭାପତି କୁମରବର ନାୟକ, ଜିଲ୍ଲା ବିଜୁ ମହିଳା ଦଳ ସଭାନେତ୍ରୀ ସବିତା ମହାପାତ୍ର, ପୂର୍ବତନ ପାରିଷଦ ପ୍ରଭାତୀ ନାୟକ, ମାନସ ବିଶ୍ୱାଳ, ସ୍ମାଇଲ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ସୁଚିତ୍ର କୁମାର ରାଉତ, ଟ୍ରଷ୍ଟ ସଦସ୍ୟ ଚ଼ିତ୍ତରଞ୍ଜନ ରାଉତରାୟ, ଚ଼ିନ୍ମୟ ପରିଡା, ଦୀପକ ବେହେରା ପ୍ରମୁଖ ଉପସ୍ଥିତି ରହି ଏହି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଆଲୋଚ଼ନା କରିଥିଲେ । ତେବେ ବିଜୁ ବାବୁଙ୍କ ଜୟନ୍ତୀ ଦିନ ସକାଳେ ପାରାଦୀପ ର ସମସ୍ତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ପରେ ସକାଳ ଆଠଟାରେ ବିଜୁ ମେମୋରିଆଲ ଟ୍ରଷ୍ଟ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହେବ । ଏଥିରେ ଅଭିଜ୍ଞ ଡାକ୍ତର ଙ୍କ ସମେତ ମାଗଣା ଔଷଧ ବଣ୍ଟନ କରାଯିବ କ୍ଷ ସେହିପରି ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ସଦନ ପରିସରରେ ବିଜୁ ବାବୁଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯିବ । ଏଥିରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ପଞ୍ଚାନନ କାନୁନଗୋ, ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ପାରାଦୀପ ବନ୍ଦର ପ୍ରାକ୍ତନ ଅଧକ୍ଷ ସନ୍ତୋଷ ମହାପାତ୍ର ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଡ଼. ରାଉତ ସୂଚ଼ନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେଇ ବିଜୁ ବାବୁଙ୍କ ପ୍ରତି ସମ୍ମାନ ଜଣାଇବାକୁ ପାରାଦୀପ ର ବିଜୁ ପଟନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray